

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:166✦11 October 2026 (Sunday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୬୬✦୧୧ ଅକ୍ଟୋବର ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ସିଜେପି ପ୍ରତିବାଦରେ ତାତିଲେ ବିଜେପି ଅଧ୍ୟକ୍ଷ :

## ରାହୁଲ-କେଜ୍ରିୱାଲଙ୍କୁ ଟାର୍ଗେଟ୍, ଦେଶରେ ଅସ୍ଥିରତା ସୃଷ୍ଟି କରୁଛନ୍ତି 'ଅର୍ବନ ନକ୍ସଲ' !





ନୂଆଦିଲ୍ଲୀ,୧୦/୧୦: ଦେଶରେ ଏକ ଗୁରୁତର ଓ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବାକୁ କିଛି ଗୋଷ୍ଠୀଙ୍କ ପ୍ରୟାସ ନେଇ ବିଜେପିର ଜାତୀୟ ସଭାପତି ନିତିନ ନବୀନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗଣମାଧ୍ୟମ ସମ୍ମୁଖରେ ଦଳର ମତ ରଖିବା ସମୟରେ ସେ ଉଔଚର ବିକ୍ଷୋଭ ପ୍ରଦର୍ଶନ ସହିତ ରାହୁଲ ଗାନ୍ଧୀ ଓ ଅରବିନ୍ଦ କେଜ୍ରିୱାଲଙ୍କୁ କଡ଼ା ସମାଲୋଚନା କରିଛନ୍ତି। ତାଙ୍କ ମତରେ, ଯେତେବେଳେ ଦେଶର ୧୪୦ କୋଟି ନାଗରିକ ଶାନ୍ତି ଓ ସଦ୍‌ଭାବନାପୂର୍ଣ୍ଣ ପରିବେଶରେ ଜାତୀୟ ବିକାଶ ଦିଗରେ ମିଳିତ ଭାବେ ଯୋଗଦାନ କରୁଛନ୍ତି, ସେତେବେଳେ କିଛି ବ୍ୟକ୍ତି ବାହ୍ୟ ଶକ୍ତିଙ୍କ ଇଙ୍ଗିତରେ ଦେଶକୁ ଅସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି। ଦୁଇଟି ଅରାଜକ ଗୋଷ୍ଠୀର ହାତ: ରାହୁଲ ଗାନ୍ଧୀ ଏବଂ ସିଜେପିକୁ ଟାର୍ଗେଟ୍ କରି ନିତିନ ନବୀନ ସ୍ପଷ୍ଟ ଭାବେ ଅଭିଯୋଗ କରିଛନ୍ତି ଯେ ଏହି ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ର ପଛରେ ମୁଖ୍ୟତଃ ଦୁଇଟି ଅରାଜକତାବାଦୀ ଗୋଷ୍ଠୀ ରହିଛନ୍ତି, ଯେମିତିକି, 'ଇଣ୍ଡିଆ' ମେଂଟର ରାହୁଲ ଗାନ୍ଧୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ଏବଂ ଅରବିନ୍ଦ କେଜ୍ରିୱାଲଙ୍କ ସହଯୋଗୀ ସିଜେପି ତଥା ଏହାର ନେତୃତ୍ୱ। ସେ କହିଛନ୍ତି ଯେ ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ, ଏହି ବ୍ୟକ୍ତିମାନେ ନିଜର ରାଜନୈତିକ ଉଦ୍ଦେଶ୍ୟ ହାସଲ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି। 'ଅର୍ବନ ନକ୍ସଲ' ଚିନ୍ତାଧାରା ଏବଂ ଦେଶବାସୀଙ୍କ ଜବାବ: ନିତିନ ନବୀନ କହିଛନ୍ତି ଯେ ବିଶ୍ୱସ୍ତରୀୟ ଆହ୍ୱାନ ସତ୍ତ୍ୱେ ଭାରତ କ୍ରମାଗତ ଭାବେ ଅଗ୍ରଗତି କରୁଛି, ଏହା ଏକ ଏପରି ତଥ୍ୟ ଯାହାକୁ ଏହି ଗୋଷ୍ଠୀଗୁଡ଼ିକ ଗ୍ରହଣ କରିପାରୁନାହାନ୍ତି। ଯଦିଓ ଗତ ୧୨ ବର୍ଷ ଧରି ଲାଗିରହିଥିବା ଭୟର ବାତାବରଣରୁ ଦେଶ ମୁକ୍ତ ହୋଇସାରିଛି, ତଥାପି 'ସହରୀ ନକ୍ସଲ' ବିଚାରଧାରା ରଖୁଥିବା କିଛି ବ୍ୟକ୍ତି ଦେଶକୁ ଅସ୍ଥିର କରିବାକୁ ଉଦ୍ୟମ କରୁଛନ୍ତି। ଭାରତର ଯୁବସମାଜ ଭାରତୀୟ ସଂସ୍କୃତି, ଗଣତନ୍ତ୍ର ଏବଂ ସମ୍ବିଧାନ ପ୍ରତି ଗଭୀର ଭାବେ ପ୍ରତିଶ୍ରୁତିବଦ୍ଧ, ତେଣୁ ସେମାନେ ଏଭଳି ମନ୍ତବ୍ୟ କିମ୍ବା ଷଡ଼ଯନ୍ତ୍ରକୁ କେବେବି ଗ୍ରହଣ କରିବେ ନାହିଁ। ଶେଷରେ, ସେ ଚେତାବନୀ ଦେଇଛନ୍ତି ଯେ ଦେଶର ୧୪୦ କୋଟି ଦେଶପ୍ରେମୀ ଏକଜୁଟ ହୋଇ ରହିଛନ୍ତି ଏବଂ ଏଭଳି ସମସ୍ତ କୁତ୍ସିତ ଉଦ୍ୟମ ତଥା ଷଡ଼ଯନ୍ତ୍ରକୁ ସଫଳତାର ସହ ବିଫଳ କରିଦେବେ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


# ଯୁବ ପ୍ରତିବାଦକୁ ଦେଖି ମୋଦୀ-ଶାହା ଭୟଭୀତ : କଂଗ୍ରେସ




ନୂଆଦିଲ୍ଲୀ,୧୦/୧୦: ଯୁବପୀଢ଼ୀଙ୍କ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହା ଭୟଭୀତ ହୋଇପଡ଼ିଥିବା କଟାକ୍ଷ କରି କଂଗ୍ରେସ ପକ୍ଷରୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଏକ ନୈତିକ ବାଧ୍ୟବାଧକତା ବୋଲି ଶନିବାର ଦିନ କୁହାଯାଇଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା କରାଯାଉଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଯୋଗୁଁ ପ୍ରାୟ ୧୪ କୋଟି ଭାରତୀୟ ଭୋଟ୍ ଅଧିକାରରୁ ବଞ୍ଚିତ ହୋଇଥିବା ଦର୍ଶାଇ କଂଗ୍ରେସ ଏହି ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ଦାବି କରିଛି। କଂଗ୍ରେସର ଜେନେରାଲ ସେକ୍ରେଟାରୀ ଜୟରାମ ରମେଶ କହିଛନ୍ତି ଯେ ରାଜଧାନୀ ଦିଲ୍ଲୀକୁ ଏକ ଦୁର୍ଗରେ ପରିଣତ କରାଯାଇଛି ଏବଂ ସବୁଆଡ଼େ ସଶସ୍ତ୍ର ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ସମ୍ବିଧାନର ଧାରା ୩୨୬ ଦ୍ୱାରା ପ୍ରଦତ୍ତ ଭୋଟ୍ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଥିବା ପ୍ରତିବାଦରେ ଯୁବପୀଢ଼ୀଙ୍କ ଏହି ଆନ୍ଦୋଳନକୁ ଶାସକ ଦଳ ଭୟ କରୁଛି ବୋଲି ସେ ସୋସିଆଲ ମିଡିଆରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ କୋକ୍ରୋଚ ଜନତା ପାର୍ଟି (ସିଜେପି) ପକ୍ଷରୁ ଯନ୍ତର ମନ୍ତରଠାରେ ହେବାକୁ ଥିବା ପ୍ରତିବାଦକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ଅନୁମତି ନଥିବାରୁ ପ୍ରାୟ ୫ଶହରୁ ଅଧିକ ପ୍ରଦର୍ଶନକାରୀଙ୍କୁ ଅଟକ ରଖାଯାଇଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ହେଉଥିବା ଭୋଟ୍ ତାଲିକା ସଂଶୋଧନ ଏବଂ ଫର୍ମ-୬କୁ ନେଇ ହୋଇଥିବା ପରିବର୍ତ୍ତନକୁ ବିରୋଧ କରି ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା। ସୁରକ୍ଷା ବାହିନୀ ପକ୍ଷରୁ ଡ୍ରୋନ୍ ମାଧ୍ୟମରେ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଥିବା ବେଳେ ଗଣତନ୍ତ୍ରର ମୂଳଦୁଆକୁ ବଚାଂଇବା ପାଇଁ ଏସଆଇଆର୍ ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରିବାକୁ କଂଗ୍ରେସ ଦାବି ଦୋହରାଇଛି।

# ରୁଷରୁ ଡିଜେଲ କିଣିବ ଆମେରିକା :



## ଶକ୍ତିଶାଳୀ ସହଯୋଗୀଙ୍କ ଦୁର୍ବଳ ନିଷ୍ପତି ବୋଲି କ୍ରୋଧରେ କହିଲେ ଜେଲେନସ୍କି

ୱାସିଂଟନ,୧୦/୧୦: ରୁଷ ସହ କାରବାର କରୁଥିବା ଦେଶଙ୍କ ଉପରେ ଶୁଳ୍କ ଲାଗୁ କରୁଥିବା ଆମେରିକା ଏବେ ୟୁଟର୍ଣ୍ଣ ନେଇଛି। ଆମେରିକା ଅନ୍ୟକୁ ନାଲି ଆଖି ଦେଖାଇ ଏବେ ନିଜେ ବାରଣ କରିଥିବା କାମ କରୁଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକା ଏବଂ ବିଶ୍ୱ ବଜାରକୁ ୩ ଲକ୍ଷ ମେଟ୍ରିକ୍ ଟନ୍ ଇନ୍ଧନ ଯୋଗାଣ କରିବାକୁ ରାଜି ହୋଇଛନ୍ତି। ପୁଟିନଙ୍କ ସହ ସଫଳ ଆଲୋଚନା ପରେ ଟ୍ରମ୍ପ ସୋସିଆଲ ମିଡିଆରେ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି ନିଷ୍ପତି ଇରାନ ସହିତ ଉତ୍ତେଜନା ମଧ୍ୟରେ ବର୍ଦ୍ଧିତ ଶକ୍ତି ମୂଲ୍ୟ ହ୍ରାସ କରିବାରେ ସାହାଯ୍ୟ କରିବ। ତେବେ ପୁଟିନଙ୍କ ସହ ଏହି ଚୁକ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କୁ କ୍ରୋଧିତ କରିଛି। ସେ ଟ୍ରମ୍ପଙ୍କ ନିଷ୍ପତିକୁ ସମାଲୋଚନା କରି ଯୁଦ୍ଧରେ ନିବେଶ ବୋଲି କହିଛନ୍ତି। ସେ ଏହି ପଦକ୍ଷେପକୁ ଦୁର୍ବଳ ଏବଂ ଅନ୍ୟାୟ ବୋଲି କହିଛନ୍ତି। ଏହି ନିଷ୍ପତି ୟୁକ୍ରେନ ଏବଂ ଅନ୍ୟ ସହଯୋଗୀଙ୍କ ପ୍ରତି ଏକ ବଡ଼ ଅନ୍ୟାୟ। କାରଣ ପେଟ୍ରୋଲିୟମ ଉତ୍ପାଦ ବିକ୍ରୟକୁ ଅନୁମତି ଦେବା ଦ୍ୱାରା ମସ୍କୋକୁ ୟୁକ୍ରେନ ବିରୋଧରେ ଯୁଦ୍ଧ ଜାରି ରଖିବା ପାଇଁ ଅତିରିକ୍ତ ପାଣ୍ଠି ମିଳିବ। ଜେଲେନସ୍କି ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ପୁଟିନଙ୍କୁ ଉପହାର ଦେବା ଦ୍ୱାରା ନା ଶାନ୍ତି ଆସିବ ନା ସଭ୍ୟ ବିଶ୍ୱର ଲାଭ ହେବ। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ସେ କହିଛନ୍ତି, ମୁଁ ଭାବୁଛି ଆମ ଦଳକୁ କେବଳ ବଳିର ଛେଳି ଭାବରେ ବ୍ୟବହାର କରାଯାଉଛି। ଏହା ଠିକ୍ ନୁହେଁ। ଅଂଶୀଦାରମାନେ ପରସ୍ପର ସହିତ ଏପରି ବ୍ୟବହାର କରିବା ଉଚିତ୍ ନୁହେଁ। ଜେଲେନସ୍କି ଏହି ଚୁକ୍ତିନାମାକୁ ଜଣେ ଶକ୍ତିଶାଳୀ ସହଯୋଗୀଙ୍କର ଏକ ଦୁର୍ବଳ ନିଷ୍ପତି ବୋଲି କହିଛନ୍ତି। ପୁଟିନଙ୍କ ସହ ଆଲୋଚନା ପରେ, ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ କହିଛନ୍ତି, ରୁଷ ଆମେରିକା ଏବଂ ବିଶ୍ୱ ବଜାରକୁ ତୁରନ୍ତ ଇନ୍ଧନ ଯୋଗାଇବ। ନଭେମ୍ବରରେ ହେବାକୁଥିବା ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ମାତ୍ର ସପ୍ତାହେ ପୂର୍ବରୁ ରୁଷ ସହିତ ଟ୍ରମ୍ପ ଏଭଳି ଚୁକ୍ତି କରିଛନ୍ତି। ଆମେରିକୀୟ ଭୋଟରମାନେ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତିକୁ ନେଇ ଚିନ୍ତିତ ଥିବାରୁ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି ଏହି ନିର୍ବାଚନରେ ପରାଜୟର ଆଶଙ୍କାର ସମ୍ମୁଖୀନ ହେଉଛି। ଟ୍ରମ୍ପ ପୋଷ୍ଟରେ କହିଛନ୍ତି, ମସ୍କୋ ନଭେମ୍ବରରେ ୫ ଲକ୍ଷ ମେଟ୍ରିକ୍ ଟନ୍ ଡିଜେଲ ଏବଂ ଏହା ପରେ ଖୁବ୍ ଶୀଘ୍ର ୧୦ ଲକ୍ଷ ମେଟ୍ରିକ୍ ଟନ୍ ଡିଜେଲ ମଧ୍ୟ ଯୋଗାଇବ। ଆମେରିକାର ଟ୍ରେଜେରୀ ବିଭାଗ ଏପ୍ରିଲ ୨୦୨୭ ପର୍ଯ୍ୟନ୍ତ ବିଶ୍ୱ ବଜାରରେ ରୁଷିଆନ ଡିଜେଲ ପହଁଚିବା ପାଇଁ ଏକ ଅସ୍ଥାୟୀ ଲାଇସେନ୍ସ ଜାରି କରିଛି।

# ସୋମବାର କଟକଚଣ୍ଡୀ ମନ୍ଦିର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

କଟକ,୧୦/୧୦(ନି/ପ୍ର): ଆସନ୍ତା ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଗସ୍ତରେ ଆସିବେ। ମୁଖ୍ୟମନ୍ତ୍ରୀଙ୍କ ଏହି ଦିନିକିଆ ଗସ୍ତରେ କଟକ ସହରରେ ଏକାଧିକ କାର୍ଯ୍ୟକ୍ରମ ରହିଛି । ବହୁ ପ୍ରତୀକ୍ଷିତ କଟକଚଣ୍ଡୀ ମନ୍ଦିରର ନବକଳେବର ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ। ଚଣ୍ଡୀମନ୍ଦିର ଉଦ୍‌ଘାଟନ ପରେ ଗଡ଼ଗଡ଼ିଆ ଘାଟ ନିକଟରେ ଥିବା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସହ ବାଲିଯାତ୍ରା ପଡ଼ିଆରେ ଥିବା କଟକ ଇନ୍ କଟକ ଯିବେ । ସର୍କିଟ୍ ହାଉସ୍‌ରେ ବିଶ୍ରାମ ପରେ ଅପରାହ୍ନରେ ଏସ୍‌ସିବି ମେଡିକାଲ ଯାଇ ନୂତନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବେ । ଏଠାରେ ମୁଖ୍ୟମନ୍ତ୍ରୀ ସମ୍ପ୍ରସାରଣ ପ୍ରକଳ୍ପ ମଧ୍ୟରୁ କ୍ଲିନିକାଲ୍ ବ୍ଲକ୍-୧ ଓ ବ୍ଲକ୍ -୪ର ନିର୍ମାଣସ୍ଥଳ ପରିଦର୍ଶନରେ ଯାଇ କ୍ଷେତ୍ର ଉପରେ କାର୍ଯ୍ୟ ଅନୁଧ୍ୟାନ କରିବା ସହ ସମୀକ୍ଷା କରିବେ ବୋଲି ଯୋଜନା ରହିଛି । ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ତଳଚଂଳ ହୋଇପଡ଼ିଛି । କଟକଚଣ୍ଡୀ ମନ୍ଦିରରେ ଅସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କାମ ଚାଲିଥିବା ବେଳେ ଏସ୍‌ସିବିରେ କ୍ଲିନିକାଲ୍ ବ୍ଲକ୍-୧ କାର୍ଯ୍ୟକୁ ଆଗେଇ ନେବା ପାଇଁ ଠିକା ସଂସ୍ଥା ଦିନରାତି ଏକ କରି ଲାଗିପଡ଼ିଛି । ସେହିପରି ୧୩ ଟି ଆବାସିକ ବ୍ଲକ୍(ରେସିଡେନସିଆଲ୍ ଟାୱାର)ରୁ ଦୁଇଟି ଯାକ ଲେଡିଜ୍ ହଷ୍ଟେଲ୍ କାମ ଅନ୍ତିମ ପର୍ଯ୍ୟାୟରେ ପହଂଚିଛି ।

# ବଙ୍ଗୋପସାଗରରେ ୧୩ରେ ଲଘୁଚାପ ସମ୍ଭାବନା



ଭୁବନେଶ୍ୱର,୧୦/୧୦(ନି/ପ୍ର): ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଓଡ଼ିଶାରେ ବଡ଼ ଧରଣର ବର୍ଷା ସମ୍ଭାବନା ନାହିଁ । ଏପରିକି ଦଶହରାବେଳକୁ ପାଗ ଶୁଖିଲା ରହିପାରେ। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି) ସୂଚନା ଅନୁସାରେ ଗଲ୍ଫ ଅଫ୍ ଥାଇଲାଣ୍ଡ ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ୧୧ ତାରିଖବେଳକୁ ଉତର ଆଣ୍ଡାମାନକୁ ଆସିପାରେ । ଫଳରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ୧୩ ତାରିଖବେଳକୁ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ଅଛି। ଅନୁମାନ କରାଯାଉଛି, ରାଜ୍ୟରେ ଲଗାଣ କିମ୍ବା ବଡ଼ ବର୍ଷା ସମ୍ଭାବନା କମ୍। ଆସନ୍ତା ୬ ଦିନ ପର୍ଯ୍ୟନ୍ତ ଦିନ ଓ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇନପାରେ। ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ନିୟମିତ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି । ଗଞ୍ଜାମରୁ ବାଲେଶ୍ୱର ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ଓ ପାଖ ଜିଲ୍ଲାଗୁଡ଼ିକର ଗୋଟିଏ ଦୁଇଟି ଜାଗାରେ ଶନିବାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। କିଛି ଜାଗାରେ ଘଡ଼ଘଡ଼ି ସହ ବର୍ଷା, ପବନ ହୋଇପାରେ। ଶୁକ୍ରବାର ଭୁବନେଶ୍ୱର ସମେତ କେତେକ ସ୍ଥାନରେ ଘଡ଼ଘଡ଼ି ସହ ଅସରାଏ ଲେଖାଏଁ ବର୍ଷା ହୋଇଛି । ସୋଆ ଜଳବାୟୁ ଓ ପରିବେଶ କେନ୍ଦ୍ର (ସିଇସି) ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁ କହିଛନ୍ତି, ଟ୍ରଫଲାଇନ ବା ପୂର୍ବପଟୁ ପବନ ପ୍ରବାହ ଯୋଗୁ ୧୩ ତାରିଖରୁ ଓଡ଼ିଶାରେ ପାଗ ବଦଳିପାରେ। ୧୩ ରାତିରୁ ୧୫ ତାରିଖ ରାତି କିମ୍ବା ୧୬ ତାରିଖ ମଧ୍ୟାହ୍ନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ବର୍ଷା ରହିପାରେ । ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା, କଟକ, ଯାଜପୁର, ମୟୂରଭଞ୍ଜ ଜିଲ୍ଲାରେ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ଅଛି। ଗୋଟିଏ ଦୁଇଟି ଜାଗାରେ ପ୍ରବଳ ବର୍ଷା ହୋଇପାରେ । ଭିନ୍ନ ଆକଳନ କରିଛନ୍ତି କୃଷି ପାଣିପାଗ ବିଶାରଦ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ । ତାଙ୍କ ପୂର୍ବାନୁମାନ ଅନୁସାରେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିପାରେ । ହେଲେ ୧୭ରୁ ୧୯ ତାରିଖ (ସପ୍ତମୀରୁ ମହାନବମୀ) ପର୍ଯ୍ୟନ୍ତ ଦକ୍ଷିଣ ଓ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ହାଲୁକା ଓ ଅଳ୍ପ କିଛି ଜାଗାରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି । ହେଲେ ୨୦ ତାରିଖ ବିଜୟା ଦଶମୀରେ ପାଗ ସୁଧୁରିପାରେ ।

# ୟୁଏଇ ଏବେ ଭାରତର ସର୍ବବୃହତ୍ ଏଲ୍‌ପିଜି ଯୋଗାଣକାରୀ ଏନର୍ଜି ବାସ୍କେଟ୍‌ରେ କମିଲା ଆମେରିକାର ଦବ୍‌ଦବା

ନୂଆଦିଲ୍ଲୀ, ୧୦/୧୦: ମାସକରେ ବିଶ୍ୱ ଶକ୍ତି ବଜାରର ଅଙ୍କକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି ଭାରତ । ଏଥର ଭାରତର ହାଣ୍ଡିଶାଳରୁ ନେଇ ଆମେରିକା ପର୍ଯ୍ୟନ୍ତ ହଲ୍‌ଚଲ ଦେଖିବାକୁ ମିଳିଛି । ଆମେରିକାକୁ ପଛରେ ପକାଇ ସଂଯୁକ୍ତ ଆରବ ଏମିରେଟ୍‌ସ(ୟୁଏଇ) ଏବେ ଭାରତର ସର୍ବବୃହତ୍ ଏଲ୍‌ପିଜି ଯୋଗାଣକାରୀ ପାଲଟିଛି । ଏହାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ବୃହତ୍ ଆର୍ଥିକ ଝଟ୍‌କା ଭାବେ ଗଣନା କରାଯାଉଛି । କାରଣ ଏଯାବତ ଭାରତର ଏନର୍ଜି ବାସ୍କେଟ୍‌ରେ ଆମେରିକାର ଦବ୍‌ଦବା ଥିଲା । ସେପ୍ଟେମ୍ବରରେ ଭାରତର ଏଲ୍‌ପିଜି ଆମଦାନି ମିକ୍ସରେ ଆସିଥିବା ବଡ଼ ପରିବର୍ତ୍ତନ ଏହାର ପ୍ରମାଣ ଯେ, ଗଲ୍‌ଫ ପୁଣି ଥରେ ଏହାର ପୁରୁଣା ସ୍ଥାନକୁ ଫେରିଆସିଛି ଏବଂ ଆମେରିକାର ନିୟନ୍ତ୍ରଣ ଶେଷ ହେଉଛି । ମାରିଟାଇମ୍ ଇଟେସେଲିଜେନ୍ସ ସଂସ୍ଥା 'କେପ୍‌ଲର'ର ନୂଆ ତଥ୍ୟ ଅନୁସାରେ, ଗଲ୍‌ଫ ଦେଶଗୁଡ଼ିକରୁ ଭାରତ ଆସୁଥିବା ଏଲ୍‌ପିଜି ଟ୍ୟାଙ୍କର ସଂଖ୍ୟାରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ, ଆମେରିକାରୁ ଆସୁଥିବା ଯୋଗାଣ ବଡ଼ ମାତ୍ରାରେ ହ୍ରାସ ପାଇଛି । ଏହି ପରିବର୍ତ୍ତନ କେବଳ ଅଙ୍କ ଖେଳ ନୁହେଁ । ବରଂ ଏହା ପଛରେ ମଧ୍ୟପ୍ରାଚ୍ୟର ଭୂ-ରାଜନୀତି, ହୋର୍ମୁଜ ଜଳମାର୍ଗ ସଂକଟ ଏବଂ ଭାରତର ଶକ୍ତି ସୁରକ୍ଷାର ଏକ ବଡ଼ ରଣନୀତି ଲୁକ୍କାୟିତ ଅଛି । ଏଲ୍‌ପିଜି ସହ ଏଲ୍‌ଏନ୍‌ଜି ବଜାରରେ ବି ଏଭଳି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି । ଏଠାରେ ଓମାନ ଆମେରିକାକୁ ପଛରେ ପକାଇ ବାଜି ମାରିନେଇଛି । ଏଭଳି ଭାବେ ଆମେରିକାକୁ ଦୁଇଟି ବଡ଼ ଝଟ୍‌କା ମିଳିଛି ।

# ଲକ୍ଷ୍ନୌ ଷ୍ଟେସନରୁ ୧.୭୨ କୋଟିର ସୁନା ଜବତ, ୧ ଗିରଫ



ଲକ୍ଷ୍ନୌ,୧୦/୧୦: ସୁନା ଚାଲାଣ ବିରୋଧରେ ବଡ଼ ସଫଳତା ପାଇଛି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡଜଓ)। ରେଳ ସୁରକ୍ଷା ବଳ (ଜଚର୍) ସହ ମିଳିତ ଚଢ଼ାଉ କରି ଚାରବାଗ ରେଳ ଷ୍ଟେସନରୁ ଜଣେ ଯାତ୍ରୀଙ୍କ ନିକଟରୁ ୧.୨୦୨ କିଲୋଗ୍ରାମ ସୁନା ଜବତ କରିଛି। ଜବତ ସୁନାର ଆନୁମାନିକ ବଜାର ମୂଲ୍ୟ ୧.୭୨ କୋଟି ଟଙ୍କାରୁ ଅଧିକ। ଅକ୍ଟୋବର ୮ ତାରିଖରେ ଚାରବାଗ ଷ୍ଟେସନର ପ୍ଲାଟଫର୍ମ ନମ୍ବର୫(ରେଳ ସଂଖ୍ୟା-୨୨୪୮୯)ରେ ଏହି ଚଢ଼ାଉ କରାଯାଇଥିଲା। ବନ୍ଦେ ଭାରତ ଏକ୍ସପ୍ରେସରୁ ଓହ୍ଲାଉଥିବା ଜଣେ ଯାତ୍ରୀଙ୍କୁ ଯାଚଂ କରିବା ସମୟରେ ତାଙ୍କ ନିକଟରୁ ସୁନା ମିଳିଥିଲା। ଗୁପ୍ତ ସୂଚନା ଆଧାରରେ ଡିଆରଆଇ ଏହି ଅଭିଯାନ ଆରମ୍ଭ କରିଥିଲା। ସୂଚନା ଅନୁଯାୟୀ, ବିଦେଶରୁ ଚୋରାରେ ଅଣାଯାଇଥିବା ସୁନା ହାଓଡ଼ାରୁ ବାରାଣସୀ ଦେଇ ଲକ୍ଷ୍ନୌକୁ ଚାଲାଣ କରାଯାଉଥିଲା। ଏହି ଚାଲାଣକୁ ରୋକିବା ପାଇଁ ଡିଆରଆଇ ଏବଂ ଆରପିଏଫ୍ ମିଳିତ ଭାବେ ନଜର ରଖିଥିଲେ। ଷ୍ଟେସନର ପ୍ରବେଶ ଓ ପ୍ରସ୍ଥାନ ପଥ ସହ ସିସିଟିଭି କ୍ୟାମେରା ଉପରେ ମଧ୍ୟ କଡ଼ା ନଜର ରଖାଯାଇଥିଲା।

# ପୂଜା ପୂର୍ବରୁ ପ୍ରଶାସନର ବଡ଼ ନିଷ୍ପତି, ଭସାଣୀରେ ଡିଜେ ମନା

ବାଲିଗୁଡ଼ା,୧୦/୧୦(ନି/ପ୍ର): ଆଗାମୀ ଦୁର୍ଗାପୂଜା ଓ ମା'ଙ୍କ ମୂର୍ତି ବିସର୍ଜନ ଶୋଭାଯାତ୍ରା ସମୟରେ ଡିଜେ ସଙ୍ଗୀତ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇଛି କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଉପଖଣ୍ଡ ପ୍ରଶାସନ। ଶାନ୍ତିଶୃଙ୍ଖଳା ରକ୍ଷା ଓ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣିତା ଦାସ ଏହି ନିଷ୍ପତି ନେଇଛନ୍ତି। ଏଥିସହ ଅତ୍ୟଧିକ ବେଗରେ ବାଇକ୍ ଚଳାଇବା ସହ ଅସ୍ୱାଭାବିକ ଓ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଚାଳକଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶବ୍ଦ ପ୍ରଦୂଷଣ ରୋକିବା ଓ ଯାତାୟାତରେ ବାଧା ଦୂର କରିବା ପାଇଁ ବାଇକ୍‌ରେ ଲଗାଯାଇଥିବା ପରିବର୍ତ୍ତିତ ସାଇଲେନ୍ସରଗୁଡ଼ିକୁ ହଟାଇବାକୁ ମଧ୍ୟ କୁହାଯାଇଛି। ଆଗାମୀ ଶାରଦୀୟ ଦୁର୍ଗାପୂଜାର ପ୍ରସ୍ତୁତି ନେଇ ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଉପଜିଲ୍ଲାପାଳ ପ୍ରଣିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାଲିଗୁଡ଼ା ଉପଖଣ୍ଡର ବିଭିନ୍ନ ବ୍ଲକ୍‌ର ଦୁର୍ଗାପୂଜା କମିଟି ପ୍ରତିନିଧି ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଯୋଗ ଦେଇଥିଲେ।

# ପାନାମାରେ ଭୂକମ୍ପ ଝଟ୍‌କା; ୪୦ରୁ ଅଧିକ ଆଫ୍ଟରସକ୍‌ରେ ଥରିଲା ଦେଶ



ନୂଆଦିଲ୍ଲୀ,୧୦/୧୦: ପାନାମାରେ ଭୂକମ୍ପ । ପାସିଫିକ୍ ରିଙ୍ଗ ଅଫ ଫାୟାରରେ ଥିବା ପାନାମାରେ ୭.୭ ତୀବ୍ରତାର ଭୂକମ୍ପ ଝଟ୍‌କା ଲାଗିଛି । ପିଟାଲୋଜା ହେରେରାରୁ ୧୨.୬ କିମି ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଛି । ୪୦ରୁ ଅଧିକ ଆଫ୍ଟରସକ୍ ?ରେ ଥରିଲା ସମଗ୍ର ଦେଶ । ଏକାଧିକ ସ୍ଥାନରେ ବିଦ୍ୟୁତ ସେବା ଠପ୍ ହୋଇଥିବା ସୂଚନା । ଟୋକୁମେନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିମାନ ସେବା ବନ୍ଦ ରହିଛି । ପାନାମାର ଦକ୍ଷିଣ ଉପକୂଳ ହେରେରା ପ୍ରଦେଶରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଶକ୍ତିଶାଳୀ ଭୂମିକମ୍ପ ଘଟିଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୭ ଥିଲା । ଏହାର ଗଭୀରତା ୧୦ କି.ମି ଭୂପୃଷ୍ଠ ତଳେ ରହିଥିବା ବେଳେ ଉତ୍ପନ୍ନିସ୍ଥଳ ଉପାନ୍ତ ପିଟାଜୋଲା ଆରିବା ଠାରୁ ୧୦ କି.ମି. ଦୂରରେ ରହିଥିବା ଜଣାପଡିଛି । ରାଜଧାନୀ ପାନାମା ସିଟିରେ ମଧ୍ୟ ଭୂକମ୍ପର ଝଟ୍‌କା ଲାଗିଥିଲା । ଭୂକମ୍ପ ପରେ ସୁନାମୀ ଆଲର୍ଟ ଜାରି କରାଯାଇଛି । ୧ ମିଟରରୁ ୩ ମିଟର ପର୍ଯ୍ୟନ୍ତ ସୁନାମୀ ଆସିବାର ଆଶଙ୍କା କରାଯାଉଛି । ପାନାମା ସମେତ କଲମ୍ବିଆ, ଇକ୍ୱୋଡର, ନିକାରାଗୁଆ, କୋଷ୍ଟାରିକା, ଏଲ୍ ସାଲଭାଡୋର, ହୋଣ୍ଡୁରାସ, ମେକ୍ସିକୋ, ପେରୁ ଓ ଗୁଏଟମାଲା ଉପକୂଳ ପାଇଁ ଏହି ସୁନାମୀ ସତର୍କତା ଜାରି କରାଯାଇଛି । ଭୂକମ୍ପ ପରେ ପରେ ଆହୁରି କେତେକ ଝଟ୍‌କା ମଧ୍ୟ ଲାଗିଛି । ଯାହାକୁ ନେଇ ଲାଟିନ ଆମେରିକାରେ ସୁନାମୀ ସତର୍କତା ଜାରି ଲୋକମାନେ ଭୟଭୀତ ହୋଇପଡିଛନ୍ତି । ଭୂକମ୍ପରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାର ଅନୁମାନ କରାଯାଉଛି ।



# କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122


## ଇନଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ୍ କରି ଆପତିଜନକ ଫଟୋ ଭାଇରାଲ ଅଭିଯୋଗ, ଅଭିଯୁକ୍ତ ଗିରଫ



ଆନନ୍ଦପୁର,୧୦/୧୦(ନି/ପ୍ର): ଇନଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ୍ କରି ଜଣେ ମହିଳାଙ୍କ ଆପତିଜନକ ଫଟୋ ଭାଇରାଲ କରିବା ଅଭିଯୋଗରେ ଘସିପୁରା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଘସିପୁରା ଥାନା କେଶଦୁରାପାଳ ଗ୍ରାମର ନୀଳମଣି ଓଝାଙ୍କ ପୁଅ ସୁଶାନ୍ତ ଓଝା (୩୬) । ସୂଚନା ଅନୁଯାୟୀ, କାଠପାଳ ଗ୍ରାମର ପୂର୍ଣ୍ଣିମା ଜେନାଙ୍କ ଇନଷ୍ଟାଗ୍ରାମ ଆଇଡିକୁ ଜଣେ ଅଜଣା ବ୍ୟକ୍ତି ହ୍ୟାକ୍ କରି ତାଙ୍କର ବ୍ୟକ୍ତିଗତ ତଥା ଆପତ୍ତିଜନକ ଫଟୋ ଭାଇରାଲ କରିଥିବା ନେଇ ଘସିପୁରା ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ଘସିପୁରା ଥାନାରେ କେସ୍ ନଂ ୩୯୨, ତାରିଖ ୨୧.୯.୨୦୨୬ରେ ବିଏନଏସ୍‌ର ଧାରା ୩୫୩(୨)/୭୯/୨୯୬ ସହ ଆଇଟି ଆକ୍ଟର ଧାରା ୬୭/୬୭ଏ ଅନୁଯାୟୀ ମାମଲା ରୁଜୁ ହୋଇଥିଲା । ଘସିପୁରା ପୁଲିସ ପକ୍ଷରୁ ମାମଲାର ଗଭୀର ତଦନ୍ତ ସହ ବୈଷୟିକ ବିଶ୍ଳେଷଣ କରାଯାଇଥିଲା । ତଦନ୍ତରୁ ଅଭିଯୋଗର ସତ୍ୟତା ମିଳିବା ପରେ ପୁଲିସ ସୁଶାନ୍ତ ଓଝାଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ଘସିପୁରା ପୁଲିସ ପକ୍ଷରୁ ସୂଚନା ମିଳିଛି ।

## କଂଗ୍ରେସ ଦଳ ପକ୍ଷରୁ ଓଡିଶା ବନ୍ଦ ସଫଳ : କଂଗ୍ରେସ




କେନ୍ଦୁଝର,୧୦/୧୦(ନି/ପ୍ର): ଗୁରୁବାର ଦିନ ଏମଏମଡିଆର ଆକ୍ଟ ବିଲ ପ୍ରତ୍ୟାହାର, ଭୋଟ ଚୋର ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ଇସ୍ତଫା, ରାଜ୍ୟ ସରକାରରେ ବହି ତ୍ରୁଟି ମୁଦ୍ରଣକୁ ନେଇ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଓ ୟୁପିଆଇ ପେମେଂଟରେ ୪% ରାହାତି ବୃଦ୍ଧିକୁ ନେଇ କଂଗ୍ରେସ ଦଳ ଓଡିଶା ବନ୍ଦ ଡାକରା ଦେଇଛ । ଏହି ଆଧାରରେ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ସାରା ଜିଲ୍ଲାରେ ବନ୍ଦ ଡାକରା ଦିଆଯାଇଛି । କେନ୍ଦୁଝର ସହରରେ ଗାନ୍ଧୀ ଛକ, ଲାବଣ୍ୟ ଛକ, ସିରାଜୁଦ୍ଦିନ ଛକ ସହିତ ବିଭିନ୍ନ ସ୍ଥାନରେ ବନ୍ଦ ଓ ବିକ୍ଷୋଭ ଯୁବ କଂଗ୍ରେସ ପକ୍ଷରୁ କରାଯାଇଥିଲା । ଆଜି ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ ଦାସଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସହରରେ ବନ୍ଦ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ଜିଲ୍ଲା ଉପସଭାପତି ଲଳିତ ମୋହନ ନାୟକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ରତ୍ନାକର ଜେନା, ରସାନନ୍ଦ ଜେନା,କେନ୍ଦୁଝର ସଦର ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ଯୁବ କଂଗ୍ରେସ ନେତା ଆନନ୍ଦ ମାଝୀ, ବ୍ୟାସଦେବ ବେହେରା, ଲଳିତ ପ୍ରଧାନ, ଶିଶିର କର,ମାନସ ବେହେରା, ନାଣ୍ଟୁ ରାଉତ, ସଂଗ୍ରାମ ବେହେରା, ଅଭିଜିତ ବେହେରା, ଦୀନେଶ ରାଉତ, ସନତ ପାଢ଼ୀ, ଅମିତ ରାଉତ ପ୍ରମୁଖ ବନ୍ଦ କରିଥିଲେ ।

## ଏସ୍‌ଆଇଆର୍‌କୁ ବିରୋଧକରି ନିର୍ବାଚନ କମିଶନର ଜ୍ଞାନେସ କୁମାରଙ୍କ ଇସ୍ତଫା ଦାବିରେ କନ୍ଧମାଳ କଂଗ୍ରେସର ସଫଳ ୧୨ ଘଂଟିଆ ବନ୍ଦ

କନ୍ଧମାଳ,୧୦/୧୦(ନି/ପ୍ର): ସ୍ୱତନ୍ତ୍ର ପରିଚୟ ସଂଶୋଧନ/ ସମୀକ୍ଷା(ଏସ୍‌ଆଇଆର୍) ପ୍ରକ୍ରିୟାକୁ ତୀବ୍ର ବିରୋଧ କରିବା ସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଅକ୍ଟୋବର ୮ କନ୍ଧମାଳ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ୧୨ ଘଂଟିଆ ବନ୍ଦ ପାଳନ କରାଯାଇଛି । କନ୍ଧମାଳ ଜିଲ୍ଲା କଂଗ୍ରେସର ଶୀର୍ଷ ନେତୃବୃନ୍ଦ ଓ କର୍ମୀମାନଙ୍କ ପ୍ରତ୍ୟକ୍ଷ ଭାଗିଦାରୀ ଯୋଗୁଁ ଏହି ବନ୍ଦ ଆନ୍ଦୋଳନ ବ୍ୟାପକ ସଫଳତା ହାସଲ କରିଛି । ସକାଳ ୬ଘଂଟିକା ସମୟରୁ ସନ୍ଧ୍ୟା ୬ଘଂଟିକା ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ବ୍ୟବସାୟିକ ପ୍ରତିଷ୍ଠାନ ଓ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିବା ଫଳରେ ସାଧାରଣ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା । ଏହି ବନ୍ଦ କାର୍ଯ୍ୟକ୍ରମକୁ କନ୍ଧମାଳ ଜିଲ୍ଲାରେ ଅତି ଶୃଙ୍ଖଳିତ ଓ ପ୍ରଭାବଶାଳୀ ଢଙ୍ଗରେ ପରିଚାଳିତ କରାଯାଇଥିଲା । କନ୍ଧମାଳ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡାଙ୍କ ସଭାପତିତ୍ୱରେ ଏହି ୧୨ଘଂଟିଆ ବନ୍ଦ ପାଳନ ଅବସରରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (ଆଇଏନଟି ୟୁସି )ର ଜିଲ୍ଲା ସଭାପତି ଘନ କୁମାର ଶବର, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅନାମ ନାୟକ ଏବଂ ପୂର୍ବତନ ଓବିସି ସେଲର ଜିଲ୍ଲା ସଭାପତି ସୂର୍ଯ୍ୟକାନ୍ତ ଦାସ, ବାଲିଗୁଡା ବିଧାୟକ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନଙ୍କ ସମେତ ଅନେକ ବରିଷ୍ଠ ନେତା ଏହି ସଫଳ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । କନ୍ଧମାଳ କଂଗ୍ରେସର କର୍ମୀମାନେ ମୋଟରସାଇକେଲ ଶୋଭାଯାତ୍ରା ମାଧ୍ୟମରେ ସାରା ଫୁଲବାଣୀ ନଗର ପରିକ୍ରମା କରି ବନ୍ଦର ସନ୍ଦେଶ ପହଚାଂଇଥିଲେ । ଫୁଲବାଣୀ ସହରର ପ୍ରମୁଖ ମାଦିକୁନ୍ଦା ଛକ, ପେଞ୍ଜିସାହି, ମୁଖ୍ୟବଜାର ଏବଂ ବସଷ୍ଟାଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ କଡ଼ା ପିକେଟିଂ କରିଥିଲେ । ସ୍ଥାନୀୟ ବ୍ୟବସାୟୀ, ଦୋକାନୀ ଓ ଜନସାଧାରଣଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଦୋକାନବଜାର ବନ୍ଦ ରଖିବାକୁ କଂଗ୍ରେସ ନେତୃବୃନ୍ଦ ଆହ୍ୱାନ ଜଣାଇଥିଲେ । ନେତାମାନଙ୍କ ଆହ୍ୱାନକୁ ସମର୍ଥନ ଜଣାଇ ବ୍ୟବସାୟୀମାନେ ସ୍ୱତଃପ୍ରବୃତ ଭାବେ ନିଜ ନିଜର ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖିଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜିଲ୍ଲା ସଭାପତି ଘନ କୁମାର ଶବର ଏଂବ ପୂର୍ବତନ ବିଧାୟକ ତଥା ସମାଜ ବାଦୀ ପାର୍ଟିର ରାଜ୍ୟ ଉପସଭାପତି ଦେବେନ୍ଦ୍ର କହଁର ଏସ୍ ଆଇ ଆର ପ୍ରକ୍ରିୟା ନାମରେ ଗଣତନ୍ତ୍ରକୁ ହତ୍ୟା କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ଚାଲିଛି । ସାଧାରଣ ନାଗରିକ ଓ ଶ୍ରମିକ ଶ୍ରେଣୀର ମୌଳିକ ନିର୍ବାଚନୀ ଅଧିକାରକୁ ଛଡ଼ାଇ ନେବାକୁ ଚେଷ୍ଟା କରାଯାଉଛି । ଏହି ବିବାଦୀୟ ନିଷ୍ପତି ପଛରେ ନିର୍ବାଚନ କମିଶନରଙ୍କ ପକ୍ଷପାତମୂଳକ ଆଚରଣ ସ୍ପଷ୍ଟ ବାରି ହୋଇପଡୁଛି । ତେଣୁ ନିର୍ବାଚନ କମିଶନର ଜ୍ଞାନେଶ କୁମାର ନିଜ ପଦବୀରୁ ତୁରନ୍ତ ଇସ୍ତଫା ଦିଅନ୍ତୁ । ଯଦି ଏହି ଜନବିରୋଧୀ ଏହି ପ୍ରକ୍ରିୟାକୁ ତୁରନ୍ତ ବାତିଲ କରାନଯାଏ, ତେବେ ଶ୍ରମିକ ଓ ସାଧାରଣ ଜନତାଙ୍କୁ ନେଇ କନ୍ଧମାଳ ଜିଲ୍ଲାରେ ଆଗାମୀ ଦିନରେ ଅଧିକ ତୀବ୍ର ଓ ବ୍ୟାପକ ଗଣଆନ୍ଦୋଳନ କରିବାକୁ ବାଧ ହେବୁ ନିଜ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ ।ଏହି ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ପୂର୍ବତନ ଜିଲ୍ଲା ସଭାପତି ଅନାମ ନାୟକ ଏବଂ ପୂର୍ବତନ ଏବିସି ସେଲ୍ ସଭାପତି ସୂର୍ଯ୍ୟକାନ୍ତ ଦାସ ମଧ୍ୟ ନିଜର ବକ୍ତବ୍ୟ ରଖି କେନ୍ଦ୍ର ଓ ନିର୍ବାଚନ କମିଶନଙ୍କ ନୀତିକୁ କଡ଼ା ସମାଲୋଚନା କରିଥିଲେ ।



## ସେବା ସଂକଳ୍ପ ଅଭିଯାନରେ ଅକ୍ଟୋବର ୧୩ ତାରିଖ ସଡ଼କ ସୁରକ୍ଷାକୁ ନେଇ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା: ବାମନଘାଟୀ ଉପଖଣ୍ଡ ସ୍ତରରେ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହେବ ପ୍ରତିଯୋଗିତା

ରାଇରଙ୍ଗପୁର,୧୦/୧୦(ନି/ପ୍ର):ସେବା ସଂକଳ୍ପ ଅଭିଯାନ କ୍ରମରେ ରାଇରଙ୍ଗପୁର ଅତିରିକ୍ତ ଆଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ନେଇ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉପଖଣ୍ଡ ସ୍ତରୀୟ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ କରାଯାଉଛି । ଉକ୍ତ ପ୍ରତିଯୋଗିତା ରାଇରଙ୍ଗପୁର ମହୁଲଡିହା ସ୍ଥିତ ସରକାରୀ ଏସ ଏସ ଡି ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟ ଠାରେ ତା.୧୩-୧୦-୨୦୨୬ ରିଖ ଦିବା ୧୧ଟା ସମୟରେ ଅନୁଷ୍ଠିତ ହେବ । ପ୍ରତିଯୋଗିତାର ନିୟମାବଳୀ ଅନୁଯାୟୀ: (୧)ପ୍ରତିଯୋଗୀ ବାମନଘାଟୀ ଉପଖଣ୍ଡ ଅଧିନରେ ଅଷ୍ଟମ ଶ୍ରେଣୀ ରୁ ଦଶମ ଶ୍ରେଣୀ ମଧ୍ୟରେ ଛାତ୍ର କିମ୍ବା ଛାତ୍ରୀ ଭାବେ ଅଧ୍ୟୟନରତଥିବା ଆବଶ୍ୟକ ।(୨)ପ୍ରତ୍ୟେକ ପ୍ରତିଯୋଗିତାରେ ଗୋଟିଏ ବିଦ୍ୟାଳୟର ଜଣେ ଲେଖାଏଁ ଛାତ୍ର କିମ୍ବା ଛାତ୍ରୀ ଅଂଶ ଗ୍ରହଣ କରିପାରିବେ (୩) ପ୍ରତିଯୋଗିତାରେ ଭାଗ ନେବାପାଇଁ ବିଦ୍ୟାଳୟର ମୁଖ୍ୟମାନେ ନିଜ ଅନୁଷ୍ଠାନରେ ଅଧ୍ୟୟନରତ ୨ ଜଣ ବିଦ୍ୟାର୍ଥୀଙ୍କୁ ଚୟନ କରି ସେମାନଙ୍କ ନିକଟକୁ ପ୍ରେରିତ ହୋଇଥିବା ନିର୍ଦ୍ଧାରିତ ଆବେଦନ ଫର୍ମରେ ପ୍ରତ୍ୟେକ ପ୍ରତିଯୋଗିତା ପାଇଁ ପୃଥକ ପୃଥକ ଭାବେ ୨ଗୋଟି ଫର୍ମରେ ଅନୁଷ୍ଠାନର ଉକ୍ତ ୨ଜଣ ବିଦ୍ୟାର୍ଥୀଙ୍କ ନାମ ସପକ୍ଷରେ ଫର୍ମ ପୂରଣକରି ଏହାକୁ ତା'ଙ୍କ ନିଜ ସ୍ୱାକ୍ଷର ଓ କାର୍ଯ୍ୟାଳୟ ମୋହର ଲଗାଇ ଫର୍ମଟିକୁ ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ, ରାଇରଙ୍ଗପୁର କାର୍ଯ୍ୟାଳୟକୁ ଇ ମେଲ ଆଇ ଡି addlrto_rairangpur@yahoo.co.in ଜରିଆରେ ତା ୧୨-୧୦-୨୦୨୬ ରିଖ ସୁଦ୍ଧା ପ୍ରେରଣ କରିବେ । (୪)ବିଦ୍ୟାଳୟ ମୁଖ୍ୟ ତା'ଙ୍କ ବିଦ୍ୟାଳୟର କେବଳ ୨ଜଣ ବିଦ୍ୟାର୍ଥୀଙ୍କ ନାମ ପ୍ରତିଯୋଗିତା ପାଇଁ ସୁପାରିଶ କରିବେ । (୫)ପ୍ରତିଯୋଗିତାର ବିଷୟ ବସ୍ତୁ ଉକ୍ତ ଦିନ ପ୍ରତିଯୋଗିତା ସ୍ଥାନରେ ସୂଚୀତ କରାଯିବ । (୬)ପ୍ରତିଯୋଗୀଙ୍କୁ ଡ୍ରଇଂ ସିଟ୍ ଆୟୋଜକଙ୍କ ପକ୍ଷରୁ ଯୋଗାଇ ଦିଆଯିବ । ଅନ୍ୟାନ୍ୟ ଆବଶ୍ୟକୀୟ ସରଞ୍ଜାମ ଓ ସାମଗ୍ରୀ ପ୍ରତିଯୋଗୀ ମାନେ ନିଜ ସାଙ୍ଗରେ ଧରି ଆସିବେ । (୭)ପ୍ରତିଯୋଗୀ ମାନେ ୧୩-୧୦-୨୦୨୬ ରିଖ ପୂର୍ବାହ୍ନ ୧୦ ଘଟିକା ସୁଦ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ସ୍ଥାନରେ ନିଜ ନିଜର ଉପସ୍ଥିତି ସୁନିଶ୍ଚିତ କରିବେ । ଆବଶ୍ୟକ ସ୍ଥଳେ ଏ ସମ୍ବନ୍ଧରେ ଅଧିକ ସୂଚନା ପାଇଁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଇରଙ୍ଗପୁର, ମୋବାଇଲ ନମ୍ବର- ୭୭୩୫୩୭୬୦୦୭ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାଇରଙ୍ଗପୁର, ମୋବାଇଲ ନମ୍ବର -୭୬୮୧୮୨୦୮୨୦ ରେ ଯୋଗାଯୋଗ କରିପାରିବେ ।

## ଭଦ୍ରକ ମହିଳା କଲେଜ, ଭଣ୍ଡାରିପୋଖରୀ ନାଆମି କଲେଜ ନିର୍ବାଚନ ବାତିଲ




ଭୁବନେଶ୍ୱର,୧୦/୧୦(ନି/ପ୍ର): ଛାତ୍ର ସଂସଦ ନିର୍ବାଚନ ପାଇଁ ରାଜ୍ୟର କ୍ୟାମ୍ପସ୍‌ଗୁଡ଼ିକରେ ନିର୍ବାଚନୀ ଉଷ୍ମତା ଦେଖାଦେଇଛି । ଆଠ ବର୍ଷ ବ୍ୟବଧାନରେ ହେଉଥିବା ଏହି ନିର୍ବାଚନ ପାଇଁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉତ୍ସାହ ଥିବା ବେଳେ ଅନେକ କଲେଜରେ ଏହାରି ମଧ୍ୟରେ ଗଣ୍ଡଗୋଳଜନିତ ଖବର ଆସିଛି । ନିର୍ବାଚନ ପୂର୍ବରୁ ବିଶୃଙ୍ଖଳା ଦେଖାଯାଉଥିବା କଲେଜଗୁଡ଼ିକ ଉପରେ ସ୍ଥାନୀୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଏହି କ୍ରମରେ ଭଦ୍ରକ ମହିଳା କଲେଜ ଏବଂ ଭଣ୍ଡାରୀ ନାଆମି କଲେଜ ନିର୍ବାଚନ ବାତିଲ ହୋଇଛି । କ୍ୟାମ୍ପସରେ ବିଜ୍ଞପ୍ତି ପରେ ଆଜି ନାମାଙ୍କନପତ୍ର ଦାଖଲ ହେବ । ଆଗ୍ରହୀ ପ୍ରାର୍ଥୀମାନେ ସକାଳ ୧୦ଟାରୁ ଅପରାହ୍ଣ ୧ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ କରିପାରିବେ ଏବଂ ଅପରାହ୍ଣ ୨ଟାରୁ ୪ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଯାଚଂ ହେବ । ସନ୍ଧ୍ୟା ୫ଟାରେ ଉଚ୍ଚ ଶିକ୍ଷାନୁଷ୍ଠାନ ପକ୍ଷରୁ ବୈଧ ନାମାଙ୍କନପତ୍ର ତାଲିକା ପ୍ରକାଶ ପାଇବ । ଅକ୍ଟୋବର ୧୦ ସକାଳ ୧୦ଟାରୁ ଅପରାହ୍ଣ ୧ଟା ମଧ୍ୟରେ ପ୍ରାର୍ଥୀମାନେ ନିଜ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ । ଅପରାହ୍ଣ ୩ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ସୂଚନାଯୋଗ୍ୟ, ଓଡ଼ିଶାର ଉଚ୍ଚଶିକ୍ଷା ଇତିହାସରେ ପ୍ରଥମ ଥର ପାଇଁ ୫୪୬ରୁ ଅଧିକ ଉଚ୍ଚଶିକ୍ଷାନୁଷ୍ଠାନରେ ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଛି । ପ୍ରତ୍ୟକ୍ଷ ନିର୍ବାଚନ ଓ ଚୟନ ପଦ୍ଧତିରେ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ, ଅନୁଦାନପ୍ରାପ୍ତ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରନେତା ଚୟନ କରାଯିବ । 'ଆମ କ୍ୟାମ୍ପସ୍‌ରେ ନିର୍ବାଚନ ହୁଏନାହିଁ' ଦର୍ଶାଇ ନିର୍ବାଚନରୁ ଦୂରେଇ ରହୁଥିବା ମହାବିଦ୍ୟାଳୟଗୁଡ଼ିକ ଉପରେ ମଧ ଏଥର ଉଚ୍ଚଶିକ୍ଷା ବିଭାଗର ଛାଟ ବାଜିଛି । ଯେକୌଣସି ପଦ୍ଧତିରେ ହେଉ ପଛେ, କ୍ୟାମ୍ପସରେ ଛାତ୍ରନେତା ଚୟନ କରିବା ବାଧ୍ୟତାମୂଳକ ହୋଇଛି । ଫଳରେ ଚଳିତବର୍ଷ ପ୍ରାୟ ପ୍ରତ୍ୟେକ କ୍ୟାମ୍ପସ୍‌ରେ ଛାତ୍ରନେତା ଚୟନ ହେବା ନିଶ୍ଚିତ ହୋଇଛି । ଉଚ୍ଚଶିକ୍ଷା ବିଭାଗର ତଥ୍ୟ ଅନୁଯାୟୀ, ୩୨୮ଟି ମହାବିଦ୍ୟାଳୟ ଓ ୧୩ଟି ବିଶ୍ୱବିଦ୍ୟାଳୟକୁ ମିଶାଇ ମୋଟ ୩୪୧ଟି ଉଚ୍ଚଶିକ୍ଷାନୁଷ୍ଠାନ ପ୍ରତ୍ୟକ୍ଷ ନିର୍ବାଚନ ମାଧ୍ୟମରେ ଛାତ୍ରନେତା ବାଛିବେ । ସେହିପରି ୨୦୨ଟି ମହାବିଦ୍ୟାଳୟ ଓ ୩ଟି ବିଶ୍ୱବିଦ୍ୟାଳୟକୁ ମିଶାଇ ମୋଟ ୨୦୫ଟି ଉଚ୍ଚଶିକ୍ଷାନୁଷ୍ଠାନ ଚୟନ ପଦ୍ଧତିରେ ଛାତ୍ରନେତା ଚୟନ କରିବେ । ସେପଟେ ବୁଧବାର ଦିନ କ୍ୟାମ୍ପସଗୁଡ଼ିକରେ ନିର୍ବାଚନ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପରେ ଛାତ୍ର ରାଜନୀତି ଜୋର ଧରିଛି । ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ସମ୍ଭାବ୍ୟ ପ୍ରାର୍ଥୀ ଚୟନ ଓ ରଣନୀତି ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ କ୍ୟାମ୍ପସ୍‌ରେ ନିର୍ବାଚନୀ ମାହୋଲ ଉଷ୍ମ ହୋଇଛି । ଏବେ ନିର୍ବାଚନ ପରିଚାଳନା ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ପାଇଁ ମଧ୍ୟ ବଡ଼ ଚ୍ୟାଲେଞ୍ଜ ପାଲଟିଛି ।

## କେନ୍ଦୁଝର ଫିଲ୍ମ ଫେଷ୍ଟିଭାଲ୍-୨୦୨୬ର ନୂତନ ତାରିଖ ଘୋଷଣା: ଅକ୍ଟୋବର ୩୦ ଓ ୩୧ରେ ହେବ ଐତିହାସିକ ଚଳଚ୍ଚିତ୍ର ମହୋତ୍ସବ

କେନ୍ଦୁଝର,୧୦/୧୦(ନି/ପ୍ର): ବିଶିଷ୍ଟ ଅତିଥି ଏବଂ ମନ୍ତ୍ରଣାଳୟ ସମ୍ବନ୍ଧୀୟ ବ୍ୟକ୍ତିବିଶେଷଙ୍କ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଓ ସମୟ ଉପଲବ୍ଧ ନଥିବାରୁ ୯ ଓ ୧୦ ଅକ୍ଟୋବର ୨୦୨୬ରେ ହେବାକୁ ଥିବା କେନ୍ଦୁଝର ଫିଲ୍ମ ଫେଷ୍ଟିଭାଲ୍-୨୦୨୬ ର ତାରିଖ ପରିବର୍ତ୍ତନ କରାଯାଇଛି । ଏବେ ଏହି ବହୁ ପ୍ରତୀକ୍ଷିତ ଐତିହାସିକ ଚଳଚ୍ଚିତ୍ର ମହୋତ୍ସବ ୩୦ ଓ ୩୧ ଅକ୍ଟୋବର ୨୦୨୬ରେ କେନ୍ଦୁଝର ଅଡିଟୋରିୟମ୍, କେନ୍ଦୁଝର, ଓଡ଼ିଶାରେ ଆୟୋଜିତ ହେବ । ନୂତନ ତାରିଖରେ ମହୋତ୍ସବର ସମସ୍ତ ପ୍ରମୁଖ କାର୍ଯ୍ୟକ୍ରମ ଆହୁରି ଗୌରବମୟ ଓ ସ୍ମରଣୀୟ ଭାବେ ଅନୁଷ୍ଠିତ ହେବ । ତାରିଖ ପରିବର୍ତ୍ତନ ପାଇଁ ଆୟୋଜକମାନେ ସମସ୍ତ କଳାକାର, ଅତିଥି, ପ୍ରତିଯୋଗୀ, ଗଣମାଧ୍ୟମ ସହଯୋଗୀ ଓ ଦର୍ଶକଙ୍କ ନିକଟରେ ଦୁଃଖ ପ୍ରକାଶ କରିବା ସହ ନୂତନ ତାରିଖରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ମହୋତ୍ସବରେ ଭାରତର ବିଭିନ୍ନ ଆଂଚଳିକ ଚଳଚ୍ଚିତ୍ର ଶିଳ୍ପରୁ ଆସିଥିବା କ୍ଷୁଦ୍ର ଚଳଚ୍ଚିତ୍ର ଓ ଚଳଚ୍ଚିତ୍ର କ୍ଷେତ୍ରର ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ ସହ ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯିବ । ଏଥିସହ ବିଭିନ୍ନ ରାଜ୍ୟ ଓ ଆଂଚଳିକ ସଂସ୍କୃତିକୁ ଆଧାର କରି ଫ୍ୟାଶନ୍ ଶୋ', ନୃତ୍ୟ, ସଙ୍ଗୀତ, ହାସ୍ୟାଭିନୟ ସମେତ ବିଭିନ୍ନ ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । କେନ୍ଦୁଝରର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ ଏବଂ ଚଳଚ୍ଚିତ୍ର ପ୍ରତିଭାକୁ ଜାତୀୟ ମଂଚରେ ପରିଚିତ କରାଇବା ଏହି ମହୋତ୍ସବର ମୁଖ୍ୟ ଲକ୍ଷ୍ୟ । ଦେଶର ବିଭିନ୍ନ ଚଳଚ୍ଚିତ୍ର ଶିଳ୍ପ ଓ କଳାକ୍ଷେତ୍ରର ପ୍ରତିଭାମାନଙ୍କୁ ଏକ ମଂଚରେ ଏକତ୍ରିତ କରି କେନ୍ଦୁଝରକୁ ଜାତୀୟ ସ୍ତରରେ ଏକ ନୂତନ ସାଂସ୍କୃତିକ ପରିଚୟ ଦେବାର ପ୍ରୟାସ କରାଯାଉଛି । ଏହି ଐତିହାସିକ ମହୋତ୍ସବର ଆୟୋଜନ କୁମ୍ୟାକ୍ସ ଷ୍ଟୁଡିଓ ଓ ନିରାକାନ୍ତ ଆର୍ଟସ୍ ଫାଉଣ୍ଡେସନ୍ ପକ୍ଷରୁ କରାଯାଉଛି । ଏହାର ସହଯୋଗରେ ବ୍ରୋଭାଂଟା ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍ ଓ ଇନ୍ଦ୍ରଧନୁ ରହିଥିବାବେଳେ, କୁଲହଡ଼ ଟିଭି ପକ୍ଷରୁ ପ୍ରଚାର ଓ ପ୍ରସାରଣ ସହଯୋଗ ପ୍ରଦାନ କରାଯାଉଛି । ମହୋତ୍ସବର ନିର୍ଦ୍ଦେଶକ ଅବିନାଶ ରାଉତଙ୍କ ନେତୃତ୍ୱରେ କେନ୍ଦୁଝରର ମାଟିର କଳା, ସଂସ୍କୃତି, ପରମ୍ପରା ଓ ପ୍ରତିଭାକୁ ଜାତୀୟ ମଂଚରେ ପହଂଚାଇବା ସହିତ ଦେଶର ବିଭିନ୍ନ ପ୍ରାନ୍ତର କଳାକାର ଓ ଚଳଚ୍ଚିତ୍ର ପ୍ରତିଭାଙ୍କୁ କେନ୍ଦୁଝରରେ ଏକତ୍ରିତ କରିବାର ଏହି ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ୩୦ ଓ ୩୧ ଅକ୍ଟୋବର ୨୦୨୬, କେନ୍ଦୁଝର ଅଡିଟୋରିୟମ୍, କେନ୍ଦୁଝର, ଓଡ଼ିଶାରେ ଆୟୋଜିତ ହେବାକୁ ଥିବା ଏହି ଐତିହାସିକ ମହୋତ୍ସବରେ ସମସ୍ତ କଳାକାର, ଅତିଥି, ପ୍ରତିଯୋଗୀ, ଗଣମାଧ୍ୟମ ସହଯୋଗୀ ଓ ଦର୍ଶକଙ୍କୁ ଆୟୋଜକମାନଙ୍କ ପକ୍ଷରୁ ସାଦର ଆମନ୍ତ୍ରଣ କରାଯାଇଛି । କେନ୍ଦୁଝରର ମାଟିରେ ସିନେମା, କଳା ଓ ସଂସ୍କୃତିର ଏକ ନୂତନ ଅଧ୍ୟାୟ - ଆସନ୍ତୁ, ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେବା ।

## ଦେଶି ମଦ ଚାଲାଣ ବେଳେ ଚଢାଉ, ୧ ଗିରଫ

ଜୟପୁର, ୧୦/୧୦(ନି/ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବଡ ଓଜେଇ ଗ୍ରାମର ଡମ୍ବୁ ନାୟକ । ସୁଚନା ଅନୁଯାଇ ଏକ ବାଇକରେ ଦେଶି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରିଥାନା ଗୋଡିଆ ଧୋବା ସାହି ନିକଟରେ ଚଢାଉ କରିଛି । ଚଢାଉ କରି ୩୨ ଲିଟର ଦେଶି ମଦ ସହ ବାଇକକୁ ଜବତ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କୋଶୋରି ହିରନ ସୂଚନା ଦେଇଛନ୍ତି ।

## ସଇଁତଳାରେ ସିରିଜ ଦୁର୍ଘଟଣା : ଟ୍ରକ ଉପରକୁ ଚଢିଗଲା ଟ୍ରକ



ଦେଓଗାଁ/ସଇଁତଳା,୧୦/୧୦(ନି/ପ୍ର): ଏନ୍‌ଏଚ ୨୬ ଉପରେ ବଲାଙ୍ଗିରକେସିଙ୍ଗା ରାସ୍ତାରେ ଟ୍ରକ ଉପରକୁ ଚଢ଼ିଗଲା ଟ୍ରକ । ସଇଁତଳା ନବୀନ ଛକ ନିକଟରେ ହୋଇଛି ସିରିଜ ଦୁର୍ଘଟଣା । ତିନୋଟି ଟ୍ରକ ପରସ୍ପର ସହ ପିଟି ହୋଇ ଜଣେ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ ହୋଇଯାଇଛି । ପୁଲିସ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ଆଜି ସକାଳ ଭୋର ପାଂଚଟାରେ ବେଦାନ୍ତ କମ୍ପାନୀର ଏକ ପାଉଡର ବୋଝେଇ ଟ୍ରକ ଏକ ଲୁହାରଡ଼ ବୋଝେଇ ଟ୍ରକ ସହ ଧକ୍କା ହୋଇଥିଲା । ତେବେ ଗୋଟିଏ ଟ୍ରକ୍ ତିନି ତିନିଟି ଟ୍ରକକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଗୋଟିଏ ଟ୍ରକ ଡ୍ରାଇଭରର ମୃତ୍ୟୁ ହୋଇଥିବା ଜଣାପଡିଛି । ଏନେଇ ସଇଁତଳା ପୁଲିସ ଘଟଣାସ୍ଥଳରେ ପହଚିଂ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ବାଣିଜ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ସାହୁଙ୍କ ବଦଳି ଆଦେଶ କାର୍ଯ୍ୟକାରୀ କରିବାକୁ ଦାବି

ଭଦ୍ରକ,୧୦/୧୦(ନି/ପ୍ର): ବାଣିଜ୍ୟ ପରିବହନ ବିଭାଗରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀଙ୍କ ବଦଳି କରାଯାଇଥିବାବେଳେ ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ଚାନ୍ଦବାଲିରୁ ଭାରମୁକ୍ତ କରିବାକୁ ଦାବୀ ହୋଇଛି । ପ୍ରାପ୍ତ ଖବରରୁ ଜଣାଯାଇଛି ଜଳସମ୍ପଦ ବିଭାଗରେ ନିଯୁକ୍ତି ପାଇଥିବା ଶ୍ରଦ୍ଧାଞ୍ଜଳି ସାହୁ ବର୍ତ୍ତମାନ ଚାନ୍ଦବାଲି ଠାରେ ଥିବା ବାଣିଜ୍ୟ ପରିବହନ ବିଭାଗରେ କନିଷ୍ଠଯନ୍ତ୍ରୀ ଭାବେ କାର୍ଯ୍ୟରତ । ସଂପୃକ୍ତ କନିଷ୍ଠଯନ୍ତ୍ରୀଙ୍କ ବିରୁଦ୍ଧରେ ବହୁ ଅର୍ଥ ତୋଷାରପାତ ଏବଂ ବିଭିନ୍ନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ଆସିବା ପରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ ମୁଖ୍ୟ ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ତୁରନ୍ତ ଚାନ୍ଦବାଲିରୁ କଟକ ମେକାନିକାଲ ଡିଭିଜନକୁ ବଦଳି କରିବାକୁ ପତ୍ରସଂଖ୍ୟା ୩୨୧୨୭ ରେ ନିର୍ଦ୍ଦେଶ ଦେଇଛନ୍ତି ଏବଂ ତାଙ୍କ ବଦଳରେ ଅର୍ଜୁନ ଦାସ (କନିଷ୍ଠଯନ୍ତ୍ରୀ)ଙ୍କୁ ଚାନ୍ଦବାଲି ବାଣିଜ୍ୟ ବିଭାଗରେ ନିଯୁକ୍ତି ଦିଆଯିବ ବୋଲି ଏହି ପତ୍ରରେ ନିର୍ଦ୍ଦେଶ ଦିଆଯାଇଛି । ମାତ୍ର ବଦଳି ଚିଠି ହେବା ପରେ ମଧ୍ୟ ବାଣିଜ୍ୟ ବିଭାଗର ନିର୍ଦ୍ଦେଶକ ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ଘଂଟ ଘୋଡାଇ ନିଜ ଅଧିନରେ ରଖିବାକୁ ମସୁଧା ଚଳାଇଛନ୍ତି । ଫଳରେ ସଂପୃକ୍ତ ଶ୍ରଦ୍ଧାଞ୍ଜଳି ସାହୁଙ୍କ ବଦଳି ଆଦେଶ କାର୍ଯ୍ୟକାରୀ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତୁରନ୍ତ ସଂପୃକ୍ତ ବିବାଦୀୟ କନିଷ୍ଠଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ସାହୁଙ୍କ ବଦଳି କାର୍ଯ୍ୟକାରୀ କରାନଗଲେ ଚାନ୍ଦବାଲିବାସୀ ଆଇନକୁ ହାତକୁ ନେବାକୁ ବାଧ୍ୟ ହେବେବୋଲି ଚେତାବନୀ ଦେଇଛନ୍ତି ।

ଉତ୍କଳ ସମାଚାର

## ସମ୍ପାଦକୀୟ...

ରବିବାର ୧୧ ଅକ୍ଟୋବର ୨୦୨୬

# ଶାକାହାର ଓ ନିରାମିଷ ଖାଦ୍ୟ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ରପାତ୍ର



ଜୀବ ଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ବୁଝିଥାଉ । ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ । ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ । ଏହି ଖାଦ୍ୟ ଆମିଷ କିମ୍ବା ନିରାମିଷ ହୋଇପାରେ । ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପତି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି ? ଏହି ପ୍ରଶ୍ନର ଉନ୍ନରରେ ଯୁଗପୁରୁଷୋନ୍ନମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପତି କାହିଁକି ? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ । ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ । ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ । କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଞ୍ଜିବୀତ । ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଚିଂବା ପାଇଁ ସଂଗ୍ରାମରତ । ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ । ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉନ୍ନେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ । ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଂଚଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟକ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ । ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଚିଂବା ପାଇଁ ସଂଗ୍ରାମ କରିବାକୁ ହୁଏ । ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ । କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ - ଭେଜିଟେବ୍‌ଲମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ । ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ । ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ । ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ । ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ । ଯେଉଁ ପ୍ରାଣୀ ନିମିତ ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ । ଉଦାହରଣ ସ୍ୱରୂପ - ହାତୀ, ଗାଇ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି । କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଥାନ୍ତି । ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଏହି ସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ । ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି । ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତୀ ହୋଇ ଏହା କହିଥାଇପାରନ୍ତି । କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀର ପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି । ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି - ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି ? ଏହା ଉତରରେ ଯୁଗପୁରୁଷୋନ୍ନମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ । ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତ୍ତି ହୋଇଗଲା । ସେତେବେଳେ ସେହି ପୋକଭରା ଜମିର ଫସଲ ଖାଇ ପେଟ ଖରାପ ହେଲା । ନାନା ପ୍ରକାର ପୋକଜୋକ ଓ ଛେଳି, ମେଣ୍ଢା ଇତ୍ୟାଦିକୁ ଭଗବାନ ମଣିଷର ଉପକାର ପାଇଁ ହିଁ ସୃଷ୍ଟି କରିଛନ୍ତି । ମଣିଷ ପାଇଁ ଧାନ, ଚାଉଳ ଓ ପନିପରିବା ଇତ୍ୟାଦି ସୃଷ୍ଟି କରିଛନ୍ତି । ଆମିଷାହାରୀ ମାନଙ୍କର କୌଣସି ରୋଗବିରାଗ ହେଲେ ଶରୀର ଯେତେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଏ ନିରାମିଷାଶୀଙ୍କ ତଦ୍‌ଜାତୀୟ ଅସୁସ୍ଥତା ହେଲେ ମଧ୍ୟ ଶରୀର ଏତେଟା କ୍ଷତିଗ୍ରସ୍ତ ହୁଏନାହିଁ । ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତେଜିତ କରେ, ସହନ-ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ । ନରହତ୍ୟା ଶବ୍ଦରେ ଆମ୍ଭେମାନେ ଆତଙ୍କିତ ହୋଇଉଠୁ କିନ୍ତୁ ଜୀବ ହତ୍ୟା ସମୟରେ ଆମକୁ କଷ୍ଟ ହୁଏନାହିଁ । ଏହିପରି ସହାନୁଭୂତିହୀନ ହୋଇ ପ୍ରବୃତି ସ୍ୱାର୍ଥରେ ମଣିଷକୁ ହତ୍ୟା କରିବା ପାଇଁ ମଧ୍ୟ ମଣିଷକୁ କଷ୍ଟ ହୁଏନାହିଁ । ମଣିଷର ଦନ୍ତକୁ ଭଗବାନ ତୃଣ ଜାତୀୟ ଖାଦ୍ୟ ଖାଇବା ପାଇଁ ଗଢ଼ିଛନ୍ତି । ବାଘ, କୁକୁର ଇତ୍ୟାଦି ମାଂସାଶୀ ପ୍ରାଣୀମାନଙ୍କ ଭଳି ମନୁଷ୍ୟର ଶ୍ୱାନଦନ୍ତ ନାହିଁ । ବରଂ ମଣିଷର ଶ୍ୱାନଦନ୍ତ ଗାଇ, ଘୋଡ଼ା ସହିତ ସମାନ । ବଡ଼ ବଡ଼ ଚିକିତ୍ସକ ଓ ବୈଜ୍ଞାନିକମାନେ ମଧ୍ୟ ନିରାମିଷ ଆହାର ସପକ୍ଷରେ ଅନେକ କଥା କହିଛନ୍ତି । ଏହି ପ୍ରସଙ୍ଗରେ ଯୁଗପୁରୁଷୋନ୍ନମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - 'ମୋର ମନେହୁଏ ଯେଉଁମାନେ ଉନ୍ନତର ଜୀବନ ଯାପନ କରିବାକୁ ଚାହାଁନ୍ତି ଓ ସୁସ୍ଥ ଦେହରେ ସ୍ୱଚ୍ଛନ୍ଦ ମନରେ କ୍ରମାଗତି ନେଇ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଇବା ହିଁ ଉଚିତ ଓ ଗୋଟିଏ ଜୀବନର ଚେତନା ପ୍ରଗତିକୁ ରୁଦ୍ଧକରି ଆମିଷ ଭକ୍ଷଣ କରିବା ଅନୁଚିତ' ।

# ଇତିହାସ ର ଇତିହାସ

ଗୋପାଳ ମହାପାତ୍ର

ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଜୀବିତ ଥିଲେ ତାଙ୍କୁ ଏବେ ୧୫୭ ବର୍ଷ ହୋଇଥାନ୍ତା । କୃତଜ୍ଞ ରାଷ୍ଟ୍ର ତାଙ୍କର ପୂଣ୍ୟତିଥି ପାଳନ କରିଛି । ଗାନ୍ଧୀଙ୍କୁ ଦେଶବାସୀ ମନେ ପକାଉଛନ୍ତି । ଗାନ୍ଧୀଙ୍କ ବିଶେଷତ୍ୱ ଥିଲା ଯେ ସେ ବିଶ୍ୱ ଇତିହାସରେ ହସ୍ତକ୍ଷେପ କରିଥିଲେ ଓ କାଳର ଅଖଣ୍ଡ ସତାକୁ ପ୍ରଭାବିତ କରି ପାରିଥିଲେ । କାଳ (ସମୟ) ହେଉଛି ଅଖଣ୍ଡ ସତା । ସବୁ ଘଟଣା ସମୟର ଅବଧି ମଧ୍ୟରେ ହୋଇଥାଏ । ଅର୍ଥବବେଦ (୧୯-୫୩- ୫୪)ରେ ମହର୍ଷି ଭୃଗୁ କହିଛନ୍ତି "କାଳ- ଅଶ୍ୱବିଶ୍ୱ-ରଥର ସମ୍ବାହକ ଅଟେ । କାଳ ହିଁ ପିତା ଓ ସେ ହିଁ ଆଗକୁ ପୁତ୍ର ହୋଇଥାଏ । କାଳରେ ପ୍ରାଣ, ମନ, ସବୁ ନାମ ରହିଛି । କାଳର ଅନୁକୂଳତା ହିଁ ଆନନ୍ଦ ଅଟେ । କାଳ ସ୍ୱୟଂଭୁ ଅଟେ । କାଳ ଦ୍ୱାରା ହିଁ ଭୂତ ଏବଂ ଭବିଷ୍ୟ ସୃଷ୍ଟି ହୁଏ । ସମୟକୁ ଧରିହୁଏ ନାହିଁ । ଘଟଣା ସବୁ ଘଟିଥାଏ, ଘଟଣା ଅତୀତ ଅଟେ । ଅତୀତର ଘଟଣା ସବୁର ଯଥାତଥ୍ୟ ସଂକଳନ ଇତିହାସ ଅଟେ । ପ୍ରାଚୀନ ରାଷ୍ଟ୍ରର କୋଟି କୋଟି ଘଟଣା ରହିଛି । ଭାରତ ଏମିତି ଏକ ରାଷ୍ଟ୍ର ଅଟେ । ମୂଳ ପ୍ରଶ୍ନ ହେଉଛି ଯେ ଘଟଣାର ସଙ୍କଳନ ରେ ସଙ୍କଳନକର୍ତାଙ୍କ ରଚି କ'ଣ ଥିଲା ? ରଚି କ'ଣ ? ଅନେକ ବିଦ୍ୱାନ ଯୁଦ୍ଧ ପ୍ରିୟ ହୋଇଥାନ୍ତି । ସେମାନେ ଯୁଦ୍ଧର ଇତିବୃତି ସଙ୍କଳିତ କରିଥାନ୍ତି । ଅନେକ ବିଦ୍ୱାନ ପ୍ରକୃତିପ୍ରେମୀ ଓ ସେମାନେ ପ୍ରାକୃତିକ ପରିବର୍ତନକୁ ଇତିବୃତର ବିଷୟ କରିଥାନ୍ତି । ମାର୍କ୍ସବାଦୀ ବିଚାରଧାରାର ବିଦ୍ୱାନ ଉତ୍ପାଦନ ପଦ୍ଧତି ବିବରଣିକୁ ସଙ୍କଳିତ କରିଥାନ୍ତି । ଇତିହାସ ଅତୀତର ଦର୍ପଣ ଅଟେ କିନ୍ତୁ ଇତିହାସ ଲିଖନ ବା ସଙ୍କଳନର କୌଣସି ଶୈଳୀ ପ୍ରାଚୀନ ସମାଜ ବା ରାଷ୍ଟ୍ରର ସଂପୁର୍ଣ୍ଣ ବିବରଣୀ ହୋଇନପାରେ । ଯେମିତି ସମୁଦ୍ରର ଲହରୀର ଗଣନା ଅସମ୍ଭବ ସେହିଭଳି ଇତିହାସର ସଂକଳନ କାର୍ଯ୍ୟ ମଧ୍ୟ ଅତି ଜଟିଳ ଅଟେ । ଏଣୁ ଇତିହାସର ରପ ସ୍ୱରୂପ ଏବଂ ଇତିହାସ ଖୋଜିବା ଅତି କଠିନ କାର୍ଯ୍ୟ ଅଟେ । ଭାରତରେ ଏବେ ଇତିହାସକୁ ନେଇ ବିମର୍ଷ ଚାଲିଛି । ୟୁରୋପୀୟ ବିଦ୍ୱାନ ମାନେ ଭାରତର ଇତିହାସ ଲିଖନ ବେଳେ ପ୍ରକୃତ ତଥ୍ୟକୁ ଉପେକ୍ଷା କରିଛନ୍ତି ବୋଲି ଅଭିଯୋଗ ହେଉଛି । ମାକ୍ସମୁଲର ଲେଖିଛନ୍ତି "ହିନ୍ଦୁ ଦାର୍ଶନିକ ମାନଙ୍କର ଏକ ଜାତି ଥିଲା । ସେମାନଙ୍କ ବିଚାରର ସଂଘର୍ଷ ଥିଲା । ସେମାନଙ୍କ ଅତୀତ ସୃଷ୍ଟିର ସମସ୍ୟା ଥିଲା, ସେମାନଙ୍କ ଭବିଷ୍ୟ ଅସ୍ତିତ୍ୱର ପ୍ରଶ୍ନ ଥିଲା । ଏକଥା ସତ୍ୟ ଯେ ବିଶ୍ୱର ରାଜନୈତିକ ଇତିହାସରେ ଭାରତର କୌଣସି ସ୍ଥାନ ନାହିଁ ।" ମାକ୍ସମୁଲର ବୈଦିକ ଏବଂ ପୌରାଣିକ ସହିତ ପ୍ରାଚୀନ ଇତିହାସରେ ରାଜ୍ୟ ବ୍ୟବସ୍ଥାକୁ ଏଡ଼ାଇ ଯାଇଛନ୍ତି । ଏଲଫିନ୍ସଟନଙ୍କୁ ସିକନ୍ଦରଙ୍କ ଆକ୍ରମଣର ପୂର୍ବରୁ କୌଣସି ଘଟଣାର ନିଶ୍ଚିତ ସମୟ ଦେଖାଯାଇ ନାହିଁ । ୧୮୩୯ରେ ଏଲଫିନ୍ସଟନ ଲେଖିଛନ୍ତି ଯେ "ଭାରତୀୟ ଇତିହାସରେ ସିକନ୍ଦରଙ୍କ ଆକ୍ରମଣ ପୂର୍ବରୁ କୌଣସି ତିଥି ବା ସମୟ ନିଶ୍ଚିତ କରାଯାଇ ପାରିବ ନାହିଁ । ବିଟରନିଟଜ ଭାରତର କାବ୍ୟ, ନାୟକତ୍ୱ ଏବଂ ଇତିହାସର ମିଶ୍ରଣକୁ ଦେଖିଛନ୍ତି । ଅଲବେରୁନିଙ୍କ ଅଭିଯୋଗ ମଧ୍ୟ କଠୋର । ସେ ଲେଖିଛନ୍ତି "ହିନ୍ଦୁମାନେ ଘଟଣାର ଐତିହାସିକ କ୍ରମ ଉପରେ ଅଧିକ ଧ୍ୟାନ ଦେଇନଥାନ୍ତି । ସେମାନେ ସମ୍ରାଟ (ରାଜା)ଙ୍କର କାଳ କ୍ରମାନୁସାରେ ଉତରାଧିକାର ର ବର୍ଣ୍ଣନରେ ବେପରୁଆ ଅଟନ୍ତି ।" ଗାନ୍ଧୀ ଏହି ସବୁ ବିଦ୍ୱାନଙ୍କ ମତ ବା ଲିଖନର ବିରୋଧି ଥିଲେ । ଅତୀତ ଏବଂ ବର୍ତମାନ ଦୁଇଟା ନୁହେଁ,ବର୍ତମାନ ଅତୀତର ହିଁ ବିସ୍ତାର ଅଟେ । ଅତୀତ ନିର୍ଜୀବ ସତା ନୁହେଁ, ବର୍ତମାନ ବିତି ଯାଇଥିବା ସମୟର ଚେହେରା ଅଟେ । ଇତିହାସ ଏବଂ ବର୍ତମାନର ସମ୍ପର୍କ ଅବିଛିନ୍ନ ଅଟେ । ଇତିହାସରେ ମନୁଷ୍ୟର କର୍ମର ଅନୁଭବ ହୋଇଥାଏ । ମଣିଷ ଇତିହାସରୁ ହିଁ ଶିଖିଥାଏ । ବତର୍ତମାନର ବସ୍ତୁନିଷ୍ଠ ଆଖ୍ୟାର ଉପକରଣ ମଧ୍ୟ ଇତିହାସ ଅଟେ । ଇତିହାସ ମନୁଷ୍ୟ ଜୀବନର ପ୍ରୟୋଗଶାଳା ଅଟେ । ସମାଜ ଏହି ପ୍ରୟୋଗଶାଳାର ନିଷ୍ପତି ଅନୁସାରେ ଠିକ୍, ଭୁଲ, କେଉଁଟା କରିବା ଉଚିତ୍ ଓ କେଉଁଟା କରିବା ଉଚିତ୍ ନୁହେଁ ସେ କଥାର ସୂଚୀ ପ୍ରସ୍ତୁତ କରିଥାଏ । ଏଣୁ ଇତିହାସର ସଂକଳନ କାର୍ଯ୍ୟ ବୈଜ୍ଞାନିକଙ୍କ ପରି । କିନ୍ତୁ ଇତିହାସକାର ଏବଂ ବୈଜ୍ଞାନିକଙ୍କ ଲକ୍ଷରେ ଆଧାରଭୁତ ପାର୍ଥକ୍ୟ ରହିଛି । ବିଜ୍ଞାନ ପ୍ରକୃତିର ବିଶ୍ଳେଷଣ କରିଥାଏ କିନ୍ତୁ ଏହାର ନିଷ୍କର୍ଷ ଅନ୍ତିମ ନୁହେଁ । ପ୍ରକୃତି ବିରାଟ, ଏଠି, ଅନନ୍ତ ରହସ୍ୟ ରହିଛି । ବିଜ୍ଞାନ ଦ୍ୱାରା ଜଣାଯାଇଥିବା କୌଣସି ବି ତଥ୍ୟ ସଂପୁର୍ଣ୍ଣନୁହେଁ ବା ଅନ୍ତିମ ସତ୍ୟ ନୁହେଁ । ଇତିହାସ ହୋଇସାରିଥିବା ବା ଘଟି ଯାଇଥିବା ଘଟଣାର ବିବରଣ ଅଟେ । ଅତୀତରେ ମଧ୍ୟ ସବୁକିଛି ନୂଆର ସମ୍ଭାବନା ନାହିଁ । ଯାହା ହୋଇଛି ବା ଘଟିଯାଇଛି ତାର ତଥ୍ୟଗତ ସଙ୍କଳନ ହିଁ ଇତିହାସ ଅଟେ । ଗାନ୍ଧୀ ଇତିହାସ ନିର୍ମାତା ଥିଲେ ଓ ଅନ୍ୟପକ୍ଷରେ ନିଜେ ଜଣେ ଭଲ ଇତିହାସ ଲେଖକ ମଧ୍ୟ ଥିଲେ । ଅନେକ ବିଦ୍ୱାନ ଗାନ୍ଧୀଙ୍କ ଲିଖିତ "ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହର ଇତିହାସ" ପୁସ୍ତକର ପ୍ରଶଂସା କରିଛନ୍ତି । ଗାନ୍ଧୀଙ୍କ ଏହି ପୁସ୍ତକର ପ୍ରଥମ ଅଧ୍ୟାୟ ହେଉଛି "ଭୂଗୋଳ" । ଇତିହାସର ଘଟଣା ସବୁ ଖାସ୍ ଭୂଖଣ୍ଡରେ ଘଟିଥାଏ । ଭୂଖଣ୍ଡ କ୍ଷେତ୍ରର ସ୍ୱରପ ସ୍ଥାୟୀ ରହିନଥାଏ । ଉତ୍ପାଦନର ସାଧନ ମଧ୍ୟ ପରିବର୍ତନ ହୋଇଥାଏ । ଏଥିପାଇଁ ଇତିହାସର ଅଧ୍ୟୟନରେ ଭୂଗୋଳର ଗୁରୁତ୍ୱ ରହିଥାଏ । ବୈଦିକ ଯୁଗର କବି ଓ ଲେଖକ ମାନେ ମଧ୍ୟ ପରିବେଶ, ନଦୀ, ପର୍ବତ ସମ୍ପର୍କରେ ବର୍ଣ୍ଣନ କରୁଥିଲେ । ଏଥିସହ ତତ୍‌କାଳୀକ ଅର୍ଥବ୍ୟବସ୍ଥାର ବ୍ୟାଖ୍ୟା କରୁଥିଲେ । ଗାନ୍ଧୀ ମଧ୍ୟ ଦକ୍ଷିଣ ଆଫ୍ରିକାର ତତ୍‌କାଳୀନ ଅର୍ଥତନ୍ତ୍ରର ବର୍ଣ୍ଣନା କରିଥିଲେ । ଗାନ୍ଧୀ ଇତିହାସ ଲିଖନରେ ଭାଷାକୁ ମଧ୍ୟ ପ୍ରମୁଖ ସ୍ଥାନ ଦେଇଥିଲେ । ଅଧ୍ୟୟନର ସମସ୍ତ ବିଷୟାନୁଶାସନ ମୁନୁଷ୍ୟ ହିଁ ଗଢିଛି ମନୁଷ୍ୟ ପାଇଁ । ବୃହତର ମାନବତାର ଲୋକକଲ୍ୟାଣ ହିଁ ସବୁ ବିଷୟର ଜ୍ଞାନର ଲକ୍ଷ ଅଟେ । ଇତିହାସରେ ଲୋକମଙ୍ଗଳ ସାଧନର କର୍ମଯୋଗ ଏବଂ ବ୍ୟବହାର ଶାସ୍ତ୍ର ବାବଦରେ ଉଲ୍ଲେଖ ରହିଥାଏ । ଇତିହାସର ଲିଖନ, ସଂକଳନ ଏବଂ ଅଧ୍ୟୟନ କାର୍ଯ୍ୟ ଲୋକମଙ୍ଗଳ ଲକ୍ଷ ସହ ଜଡ଼ିତ । ପ୍ରଶ୍ନ ହେଉଛି ଭାରତୀୟ ଉପମହାଦ୍ୱୀପର ଇତିହାସ ଦେଖିବାର ପ୍ରାଚୀନ ଦୃଷ୍ଟିକୋଣ କ'ଣ ଥିଲା ? କ'ଣ ପୌରାଣିକ ଥିଲା ? କ'ଣ ତଥ୍ୟର ତୃଟିପୂର୍ଣ୍ଣ ଭାବେ ବ୍ୟାଖ୍ୟା କରିବାର ମାନସିକତା ଥିଲା ? ମହାକାବ୍ୟ ଓ ପୁରାଣଶାସ୍ତ୍ର ଏବଂ ଏହା ପୂର୍ବରୁ ରଚିତ ବୈଦିକ ସାହିତ୍ୟର ନାୟକ କ'ଣ କାଳ୍ପନିକ ? ପୂର୍ବଜ ମାନଙ୍କର ଏଭଳି ଇତିହାସ ଦୃଷ୍ଟି ଥିଲା କାହିଁକି ? ଆଧୁନିକ ଐତିହାସିକ ମାନଙ୍କର ଏକ ବର୍ଗ ବା ଗୋଷ୍ଠୀ ଇତିହାସରେ ବୈଜ୍ଞାନିକ ଦୃଷ୍ଟିକୋଣକୁ ଜରୁରୀ ବୋଲି କହିଥାନ୍ତି । ଏହି ଦୃଷ୍ଟିକୋଣ ଅନୁସାରେ ବୈଦିକ ସାହିତ୍ୟ-ଇତିହାସରେ କ'ଣ ତୃଟି ରହିଛି ? କ'ଣ ମାକ୍ସବାଦୀ ଇତିହାସ ଲିଖନ ହିଁ ବୈଜ୍ଞାନିକ ଅଟେ ? ଯଦି ଏହା ଠିକ୍ ତେବେ କାର୍ଲମାର୍କ୍ସଙ୍କ ପୂର୍ବରୁ ଲିଖିତ ଇତିହାସ ଅବୈଜ୍ଞାନିକ ହୋଇପାରେ । ଏଭଳି ପ୍ରଶ୍ନାବଳି ଅନେକ ହୋଇପାରେ । କ'ଣ ପୁରାତାତ୍ୱିକ ସାକ୍ଷ୍ୟ ହିଁ ପ୍ରମାଣ ଅଟେ ଶବ୍ଦ ଅନୁଭୂତି ଶୃତି ସ୍ମୃତି କ'ଣ ବେକାର ଅଟେ ? ସେଇ କାଳଖଣ୍ଡ ବା ସମୟର ସଦ୍‌ଭାବ ପୁର୍ଣ୍ଣ ସମାଜ କ'ଣ ମହତ୍ୱପୁର୍ଣ୍ଣ ନୁହେଁ ? ରାଷ୍ଟ୍ରବୋଧର ବାସ୍ତବିକ ସର୍ତ ସଚ୍ଚା ଇତିହାସ ବୋଧ ଅଟେ । ଗଣିତ, ଜ୍ୟୋତିଷ, ଚିକିତ୍ସା ଆଦି କ୍ଷେତ୍ରରେ ଭାରତର ଉପଲବ୍ଧି ବିଶ୍ୱ ବିଖ୍ୟାତ ଥିଲା । ଭାରତ ଇତିହାସ ସଙ୍କଳନର ନିଜର ବିଶେଷ ପରମ୍ପରା ବିକଶିତ କରିଥିଲା କିନ୍ତୁ ୟୁରୋପୀୟ ଇତିହାସବିତ୍ ମାନେ ଭାରତକୁ ଇତିହାସବିହୀନ କହିଛନ୍ତି ଗାନ୍ଧୀ ରାଜା ମହାରାଜା ମାନଙ୍କ ବିବରଣକୁ ପ୍ରକୃତ ଇତିହାସ ବୋଲି ଭାବୁ ନଥିଲେ । ହିନ୍ଦସ୍ୱରାଜରେ ଗାନ୍ଧୀ ପ୍ରକୃତ ଇତିହାସ କ'ଣ ସେ ବାବଦରେ ଅନେକ କଥା ଲେଖିଛନ୍ତି । ଗାନ୍ଧୀ ୟୁରୋପୀୟ ଇତିହାସର ଅନ୍ତର୍ବସ୍ତୁକୁ କେବଳ ଲଢ଼େଇ/ଯୁଦ୍ଧର ସଂଗ୍ରହ ବୋଲି କହୁଥିଲେ ।

# ସରଳ ବିଚାର: ଦେୟମୁକ୍ତ 'ୟୁପିଆଇ' ସପକ୍ଷରେ

ସରଳ କୁମାର ଦାସ

ଗତ ପ୍ରାୟ ୬ ବର୍ଷ ଧରି 'ୟୁପିଆଇ'ରେ ଅର୍ଥ ପ୍ରଦାନ ସମ୍ପୂର୍ଣ୍ଣ ଦେୟମୁକ୍ତ ଥିଲାବେଳେ ଏହାକୁ ପରିଚାଳନା କରୁଥିବା ନ୍ୟାସନାଲ ପେମେଂଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନପିସିଆଇ) ଦ୍ୱାରା ସେପ୍ ?ଟେମ୍ବର ୧୫ ତାରିଖ ଦିନ ଜାରି ହୋଇଥିବା ସର୍କୁଲାରରେ ଅକ୍‌ଟୋବର ୧୫ ତାରିଖଠାରୁ ନିର୍ଦ୍ଦିଷ୍ଟ ଧରଣର ୟୁପିଆଇ କାରବାର ଉପରେ ୦.୪ ପ୍ରତିଶତ ମର୍ଚାଂଟ ଡିସକାଉଟଂ ରେଟ (ଏମ.ଡି.ଆର.) ଆଦାୟ କରାଯିବ ବୋଲି କୁହାଯାଇଛି । ଏହାକୁ ପ୍ରତ୍ୟାହାର କରିବା ନେଇ ଦାବି ଉଠିଲାଣି । ପ୍ରଶ୍ନ ହେଉଛି ଏହାକୁ ଏଡ଼ାଇ ଦିଆଯାଇପାରିଥାନ୍ତା କି ? ଏମ.ଡି.ଆର. କହିଲେ ଇଲେକ୍ଟ୍ରୋନିକ ମାଧ୍ୟମକୁ ବ୍ୟବହାର କରି ପଠାଯାଉଥିବା ଟଙ୍କା ଉପରେ ଗ୍ରାହକଙ୍କୁ ଦେବାକୁ ହେଉଥିବା ଦେୟକୁ ବୁଝାଏ । ସର୍କୁଲାର ଅନୁଯାୟୀ ଏଣିକି ବ୍ୟକ୍ତି-ବ୍ୟକ୍ତି (ପି୨ପି) ଓ ୨୦୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତି-ବ୍ୟବସାୟୀ (ପି୨ଏମ)ଙ୍କ ମଧ୍ୟରେ ହେଉଥିବା କାରବାର ଦେୟଶୂନ୍ୟ । ତା'ଠାରୁ ଅଧିକ ଟଙ୍କାର କାରବାର ଉପରେ ବ୍ୟବସାୟୀଙ୍କଠାରୁ ୦.୪ ପ୍ରତିଶତ ବା ସର୍ବାଧିକ ୩୦୦ ଟଙ୍କା ଆଦାୟ ହେବ । ଆଦାୟ ହେବାକୁ ଥିବା ରାଶିକୁ ୟୁପିଆଇ ପରିମଣ୍ଡଳରେ ଭାଗୀଦାର ପଠାଉଥିବା ବ୍ୟାଙ୍କ, ପାଉଥିବା ବ୍ୟାଙ୍କ, ଦେୟ ସେବା ପ୍ରଦାନକାରୀ ବ୍ୟାଙ୍କ (ପିଏସପି ବ୍ୟାଙ୍କ), ତୃତୀୟ ପକ୍ଷ ଆପ୍ଲିକେସନ୍ ପ୍ରଦାନକାରୀ (ଆପ୍)ଙ୍କ ମଧ୍ୟରେ ଯଥାକ୍ରମେ ୪୦, ୩୦, ୧୦ ଓ ୨୦ ପ୍ରତିଶତ ହାରରେ ବଂଟନର ପ୍ରାବଧାନ ରହିଛି । ୟୁପିଆଇ (ୟୁନିଫାଏଡ ପେମେଂଟସ ଇଂଟରଫେସ) ଏକ ତାତ୍କାଳିକ ଡିଜିଟାଲ ଦେୟ ପ୍ରଦାନ ବ୍ୟବସ୍ଥା । ଏହାଦ୍ୱାରା ଆକାଉଟଂ ନମ୍ବର ନଜାଣି ମଧ୍ୟ ମୋବାଇଲ ଫୋନ ମାଧ୍ୟମରେ ଗୋଟିଏ ବ୍ୟାଙ୍କ ଖାତାରୁ ଆଉ ଗୋଟିଏ ବ୍ୟାଙ୍କ ଖାତାକୁ ସହଜରେ ଟଙ୍କା ପଠାଇହୁଏ । ଦେଶରେ ଦେୟ ପ୍ରଦାନ ଓ ବନ୍ଦୋବସ୍ତ (ପେମେଂଟ ଆଣ୍ଡ ସେଟଲମେଂଟ) ପ୍ରକ୍ରିୟାକୁ ବ୍ୟବସ୍ଥିତ କରି ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ୨୦୦୮ ମସିହାରେ 'ପେମେଂଟ ଆଣ୍ଡ ସେଟଲମେଂଟ ଆଇନ' କାର୍ଯ୍ୟକାରୀ ହେଲା । ଏହାକୁ ଆଧାର କରି ସେହି ବର୍ଷ ୧୦ଟି ବ୍ୟାଙ୍କ ଦ୍ୱାରା 'ନ୍ୟାସନାଲ ପେମେଂଟସ କର୍ପୋରେସନ ଅଫ ଇଣ୍ଡିଆ' ନାମକ ଏକ ଅଣଲାଭକାରୀ କମ୍ପାନି ପ୍ରତିଷ୍ଠା କରାଗଲା । ରିଜର୍ଭ ବ୍ୟାଙ୍କର ପ୍ରତ୍ୟକ୍ଷ ନିୟନ୍ତ୍ରଣ ଓ ନିରୀକ୍ଷଣରେ କାର୍ଯ୍ୟ କରୁଥିବା 'ଏନପିସିଆଇ' ଦେଶରେ ଖୁଚୁରା ଦେୟ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ଏକ ଶୀର୍ଷସ୍ଥାନୀୟ ସମନ୍ୱୟକାରୀ ସଂସ୍ଥା ପାଲଟିଲା । ଏହାଦ୍ୱାରା ୨୦୧୦ ମସିହାରେ 'ତତ୍କାଳ ଇଲେକ୍ଟ୍ରୋନିକ ଅର୍ଥ ପ୍ରେରଣ ବ୍ୟବସ୍ଥା' (ଆଇଏମପିଏସ) ବିକଶିତ ହେବା ପରେ ତା'ର ଭିତ୍ତିଭୂମି ଉପରେ ପ୍ରସ୍ତୁତ ୟୁପିଆଇ ୨୦୧୬ ମସିହାରୁ ବିଧିବଦ୍ଧ ଭାବେ କାର୍ଯ୍ୟ କରୁଛି । ଏମ.ଡି.ଆର. ଆଦାୟ ପଛର ଯୁକ୍ତି ହେଉଛି 'ୟୁପିଆଇ'ର ଭିତ୍ତିଭୂମି ବିକାଶ, ସାଇବର ସିକ୍ୟୁରିଟି ଆଦି ସମସ୍ୟା ବଡ଼ ଆହ୍ୱାନ ସୃଷ୍ଟି କରିବାକୁ ଯାଉଥିବାରୁ ତା'ର ମୁକାବିଲା କରିବା ପାଇଁ ହଜାର ହଜାର କୋଟି ଟଙ୍କାର ଆବଶ୍ୟକତା ରହିଛି । ବ୍ୟାଙ୍କ ଓ ଅନ୍ୟ ଅଂଶୀଦାରଙ୍କ ବୋଝକୁ ଲାଘବ କରିବାକୁ ହେଲେ 'ୟୁପିଆଇ' କାରବାରରୁ ଏମ.ଡି.ଆର. ଜରିଆରେ ଅର୍ଥ ସଂଗ୍ରହ ହୋଇ ଏହା ସ୍ୱୟଂସମର୍ଥ ହେବା ଉଚିତ । ଏବେ 'ୟୁପିଆଇ' କାରବାରରୁ ବ୍ୟାଙ୍କଗୁଡ଼ିକର ପ୍ରତ୍ୟକ୍ଷ ଆୟ ହେଉ ନଥିଲେ ବି କାରବାର ବଢ଼ିବା ସହିତ ସେମାନଙ୍କ ନିକଟରେ ସେଭିଙ୍ଗସ ବ୍ୟାଙ୍କ ଓ ଚଳନ୍ତିଖାତାରେ କମ୍ ସୁଧରେ ବଡ଼ ଧରଣର ପୁଞ୍ଜି ଜମା ହୋଇ ରହୁଛି । ନଗଦ ପରିବହନ ଓ ଏଟିଏମ ପରିଚାଳନା ସଂକ୍ରାନ୍ତ ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇଛି । ଚେକ୍ ଜରିଆରେ ଏବଂ ଅନ୍ୟ ଦେଣନେଣ କାରବାରରେ ହ୍ରାସ ଯୋଗୁଁ ହେଉଥିବା ସଂଚୟ, ଓ ଗ୍ରାହକ ସଂଗ୍ରହ ପାଇଁ ହେଉଥିବା ବ୍ୟୟରେ ହ୍ରାସ ହେବା ସହିତ ସେମାନେ ଗ୍ରାହକମାନଙ୍କୁ ଋଣ, କାର୍ଡ, ଇନସୁରାନ୍‌ସ ଓ ନିବେଶ ଆଦି ଉତ୍ପାଦ ବିକ୍ରି କରିବାକୁ ସମର୍ଥ ହେଉଛନ୍ତି । ଏକ ଆକଳନ ଅନୁସାରେ ୨୦୨୬ ଆର୍ଥିକ ବର୍ଷରେ ହୋଇଥିବା 'ୟୁପିଆଇ' କାରବାର ଯୋଗୁଁ ବ୍ୟାଙ୍କଗୁଡ଼ିକୁ ପରୋକ୍ଷ ଭାବେ ମିଳିଥିବା ଲାଭକୁ ଟଙ୍କା ଆକାରରେ ଗଣନା କଲେ ତାହା ପ୍ରାୟ ୧୪,୫୦୦ କୋଟି ଟଙ୍କା ହେବ । ପୁନଶ୍ଚ, 'ୟୁପିଆଇ' ପରିମଣ୍ଡଳରେ ୧୪ଟି ବ୍ୟାଙ୍କ 'ପେମେଂଟ ସେବା ପ୍ରଦାନକାରୀ' (ପିଏସପି) ବ୍ୟାଙ୍କର ଭୂମିକା ନିର୍ବାହ କରୁଛନ୍ତି । 'ୟୁପିଆଇ' ଆପ୍‌କୁ ବ୍ୟାଙ୍କ ଭିତ୍ତିଭୂମି ଯୋଗାଇ ଦେବା, କାରବାରର ବୈଧତା ଯାଚଂ କରିବା ଓ ୟୁପିଆଇ ନେଟୱର୍କ ସହ ସଂଯୁକ୍ତ କରାଇବା ଆଦି ଲାଗି 'ପିଏସପି' ବ୍ୟାଙ୍କଗୁଡ଼ିକ 'ଏନପିସିଆଇ' ଦ୍ୱାରା ଅଧିକୃତ । ଅର୍ଥାତ୍ 'ଫୋନ୍‌ପେ', 'ଗୁଗଲ୍ ପେ' ପରି ଆପ୍ 'ପିଏସ୍‌ପି' ବ୍ୟାଙ୍କ ମାଧ୍ୟମରେ ହିଁ 'ୟୁପିଆଇ' କାରବାର କରିବାକୁ ସମର୍ଥ ହୋଇଥାନ୍ତି । ଏଥିପାଇଁ 'ପିଏସ୍‌ପି' ବ୍ୟାଙ୍କ ଚୁକ୍ତି ଅନୁଯାୟୀ ଫି ଆଦାୟ କରିଥାନ୍ତି । ଏକ ଆକଳନ ଅନୁଯାୟୀ ଏହାର ପରିମାଣ ବାର୍ଷିକ ପ୍ରାୟ ୨ ହଜାର କୋଟି ଟଙ୍କା ହେବ । ଉଲ୍ଲେଖଯୋଗ୍ୟ ଯେ ୨୦୨୬ ଆର୍ଥିକ ବର୍ଷରେ ଭାରତୀୟ ବ୍ୟାଙ୍କସମୂହଙ୍କ ମୋଟ ଲାଭ ପ୍ରାୟ ୪ ଲକ୍ଷ କୋଟି ଟଙ୍କା, ଯହିଁରୁ କେବଳ ସରକାରୀ ନିୟନ୍ତ୍ରଣାଧୀନ ପବ୍ଲିକ ସେକ୍ଟର ବ୍ୟାଙ୍କଗୁଡ଼ିକର ଲାଭ ପ୍ରାୟ ୧.୯୮ ଲକ୍ଷ କୋଟି ଟଙ୍କା । କହିବା ବାହୁଲ୍ୟ ଯେ 'ୟୁପିଆଇ' କାରବାରର ସିଂହଭାଗ ଏହି ବ୍ୟାଙ୍କଗୁଡ଼ିକ ଜରିଆରେ ହୋଇଥାଏ । 'ୟୁପିଆଇ' ପରିମଣ୍ଡଳରେ ଆପ୍‌ଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଗୁଡ଼ିକ 'ୟୁପିଆଇ' କାରବାର ଲାଗି ଗ୍ରାହକଙ୍କୁ ବ୍ୟାଙ୍କ ସହ ଯୋଡ଼ିଥାନ୍ତି । ଏଥିପାଇଁ କ୍ଲାଉଡ, ସର୍ଭର, ଡେଟା ଭିତ୍ତିଭୂମି, ବୈଷୟିକ ଜ୍ଞାନକୌଶଳ ଓ ସଫ୍‌ଟୱେର ବିକାଶ, ସାଇବର ସୁରକ୍ଷା, ଗ୍ରାହକ ସେବା ସହ ଗ୍ରାହକ ସଂଗ୍ରହ ଲାଗି ପ୍ରୋତ୍ସାହନ ପ୍ରଦାନ, ପ୍ରଚାର ଆଦି ଲାଗି ମଧ୍ୟ ସେମାନଙ୍କୁ ମୋଟା ଅଙ୍କର ରାଶି ବ୍ୟୟ କରିବାକୁ ହୋଇଥାଏ । ବର୍ତମାନ ଦେଶରେ ସକ୍ରିୟ ଥିବା ପ୍ରାୟ ୪୦ଟି ଆପ୍ ମଧ୍ୟରୁ 'ଫୋନ୍‌ପେ' ଓ 'ଗୁଗଲ୍ ପେ' କମ୍ପାନି ଦୁଇଟି ଜରିଆରେ ତିନି-ଚତୁର୍ଥାଂଶ 'ୟୁପିଆଇ' କାରବାର ହୋଇଥାଏ ଏବଂ ଦୁଇଟି ଯାକ କମ୍ପାନି ବିଦେଶୀ ନିୟନ୍ତ୍ରଣାଧୀନ । ତେଣୁ ଏମ.ଡି.ଆର. ଆଦାୟ ହୋଇ ତାହାର ୨୦ ପ୍ରତିଶତ ଆପ୍‌ଗୁଡ଼ିକୁ ଦିଆଗଲେ ତହିଁରୁ ଏହି ବିଦେଶ ନିୟନ୍ତ୍ରଣାଧୀନ କମ୍ପାନିଗୁଡ଼ିକ ହିଁ ସର୍ବାଧିକ ଲାଭବାନ୍ ହେବେ । 'ୟୁପିଆଇ' କାରବାର ଯୋଗୁଁ ରିଜର୍ଭ ବ୍ୟାଙ୍କ ମଧ୍ୟ ପରୋକ୍ଷରେ ଲାଭାନ୍ୱିତ ହେଉଛି । କାରବାର ବଢ଼ିବା ସହିତ ଆନୁପାତିକ ଭାବେ ନଗଦ ଟଙ୍କାର ଆବଶ୍ୟକତା ହ୍ରାସ ପାଇ ଅପେକ୍ଷାକୃତ କମ୍ ପରିମାଣର ମୁଦ୍ରା ଛପାଇବାକୁ ହେଉଛି । ତେଣୁ ମୁଦ୍ରା ପରିବହନ କମ୍ ହୋଇ ସେ ବାବଦ ଖର୍ଚ୍ଚ ହ୍ରାସ ପାଉଛି । ନୋଟ୍ ବାଛିବା, ମେଳ କରିବା, ନଷ୍ଟ କରିବାର ଚାପ ମଧ୍ୟ କମିଛି । ଡିଜିଟାଲ ସ୍ୱୟଂକ୍ରିୟ ପେମେଂଟ ବ୍ୟବସ୍ଥା କାର୍ଯ୍ୟ କରିବା ଫଳରେ ରିଜର୍ଭ ବ୍ୟାଙ୍କ ଉପରେ ନିରୀକ୍ଷଣ ଓ ପରିଚାଳନାଗତ ଚାପ କମିଛି । ୨୦୨୬ ଆର୍ଥିକ ବର୍ଷରେ ରିଜର୍ଭ ବ୍ୟାଙ୍କକୁ ମିଳିଥିବା ଏସବୁ ପରୋକ୍ଷ ଲାଭକୁ ଟଙ୍କା ଆକାରରେ ଗଣନା କଲେ ତାହା ପ୍ରାୟ ୫୦୦ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଏ । ୨୦୨୬ ଆର୍ଥିକ ବର୍ଷରେ 'ୟୁପିଆଇ' କାରବାର, ସଂଖ୍ୟା ଦୃଷ୍ଟିରୁ ୨୪,୧୬୨ କୋଟି ଓ ମୂଲ୍ୟ ଦୃଷ୍ଟିରୁ ୩୧୪ ଲକ୍ଷ କୋଟି ଟଙ୍କାରେ ପହଚିଂଲାଣି । 'ପେମେଂଟ ଶିଳ୍ପ'ର ତଥ୍ୟ ଅନୁଯାୟୀ ପ୍ରତିଟି କାରବାରରେ ହାରାହାରି ୦.୦୩ରୁ ୦.୦୪ ପ୍ରତିଶତ ଖର୍ଚ୍ଚ ହେଉଛି । ତଦନୁଯାୟୀ ୨୦୨୬ ଆର୍ଥିକ ବର୍ଷରେ 'ୟୁପିଆଇ' କାରବାର ବାବଦରେ ପ୍ରାୟ ୧୦,୭୩୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିବ । ଏକ ଆକଳନ ଅନୁସାରେ ଏଥିରୁ ପ୍ରାୟ ୧୨୫୦ କୋଟି 'ଏନପିସିଆଇ' ବହନ କରିଥାଏ । ବ୍ୟାଙ୍କସମୂହ ପ୍ରାୟ ୬୦୦୦ କୋଟି ଟଙ୍କା ବହନ କରୁଥିବାବେଳେ ଆପ୍‌ଗୁଡ଼ିକ ପ୍ରାୟ ୨୦୦୦ କୋଟି ଟଙ୍କା ବହନ କରନ୍ତି । ଏତଦ୍ ?ଭିନ୍ନ ବୈଷୟିକ ଜ୍ଞାନକୌଶଳ, କ୍ଲାଉଡ, ଡେଟା-ସେଂଟର, ଠକେଇ, ସାଇବର ସୁରକ୍ଷା ଆଦି ବାବଦରେ ପ୍ରାୟ ୧୦୦୦-୧୫୦୦ କୋଟି ଟଙ୍କା ବ୍ୟୟ ହୋଇଥାଏ । ଅର୍ଥାତ୍ ବ୍ୟାଙ୍କସମୂହଙ୍କର 'ୟୁପିଆଇ' ବାବଦ ହେଉଥିବା ଖର୍ଚ୍ଚ ସେମାନଙ୍କୁ 'ୟୁପିଆଇ' ଜନିତ ପରୋକ୍ଷ ଲାଭରୁ ମିଳିବାର ସମ୍ଭାବନା ଥିବାରୁ ଏମ.ଡି.ଆର. ଲଗାଇ ସେଥିରୁ ୮୦ ପ୍ରତିଶତ ଅଲଗା ଭାବେ ଦେବା ଯୁକ୍ତିଯୁକ୍ତ ନୁହେଁ । କୁହାଯାଉଛି ଯେ ୨୦୦୦ ଟଙ୍କାରୁ ଅଧିକ ମାତ୍ର ୪ ପ୍ରତିଶତ 'ପି୨ଏମ' କାରବାର ଉପରେ ଏମ.ଡି.ଆର. ଲାଗୁ ହେବ । ତେବେ ମୂଲ୍ୟ ଦୃଷ୍ଟିରୁ ୨୦୨୬ ଆର୍ଥିକ ବର୍ଷରେ ଏହି ଧରଣର କାରବାରର ପରିମାଣ ଥିଲା ପ୍ରାୟ ୬୨ ଲକ୍ଷ କୋଟି ଟଙ୍କା ବା ପ୍ରାୟ ୨୦ ପ୍ରତିଶତ । ଏହି କାରବାର ଉପରେ ଏମ.ଡି.ଆର. ଆଦାୟ ହେଲେ ପ୍ରାୟ ୨୦ରୁ ୨୪ ହଜାର କୋଟି ଟଙ୍କା ସଂଗ୍ରହ ହେବ । ସେଥିରୁ ବ୍ୟାଙ୍କସମୂହ ପ୍ରାୟ ୧୬ରୁ ୨୦ ହଜାର କୋଟି ଓ ଆପ୍‌ଗୁଡ଼ିକ ୪ରୁ ୫ ହଜାର କୋଟି ଟଙ୍କା ପାଇବେ । ବ୍ୟବସାୟୀଙ୍କଠାରୁ ଏମ.ଡି.ଆର. ଆଦାୟ ହେବାର ଥିଲେ ବି ସେମାନେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ତାହା ଗ୍ରାହକଙ୍କଠାରୁ ହିଁ ଆଦାୟ କରିବେ । ଅନ୍ୟଥା ୨୦୦୦ ଟଙ୍କାରୁ ଅଧିକ ରାଶିର କାରବାର ହେଲେ ନଗଦ ପ୍ରଦାନ କରିବାକୁ ଗ୍ରାହକଙ୍କ ଉପରେ ଚାପ ପଡ଼ିପାରେ । ଫଳରେ ଗ୍ରାହକମାନେ 'ୟୁପିଆଇ'ରୁ ବିମୁଖ ହେବାର ଆଶଙ୍କା ସୃଷ୍ଟି ହେବ, ଯାହା ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ । ଯେଉଁ ବ୍ୟବସାୟୀଙ୍କ ମାସିକ 'ୟୁପିଆଇ' ପ୍ରାପ୍ୟ ରାଶି ୧ ଲକ୍ଷ ଟଙ୍କା (ଦୈନିକ ୩୩୩୫ ଟଙ୍କା) ମଧ୍ୟରେ ସୀମିତ ଥିବ ସେମାନେ କ୍ଷୁଦ୍ର ବ୍ୟବସାୟୀ ଶ୍ରେଣୀଭୁକ୍ତ ହେବେ ଏବଂ ସେମାନଙ୍କଠାରୁ ଏମ.ଡି.ଆର. ଆଦାୟ ହେବନାହିଁ । ତେଣୁ ଏମ.ଡି.ଆର.କୁ ଏଡ଼ାଇବା ଲାଗି ବ୍ୟବସାୟୀଙ୍କଠାରେ ୟୁପିଆଇ କାରବାର ହ୍ରାସ କରିବାର ପ୍ରବୃତି ବଢ଼ି ନଗଦ କାରବାର ବୃଦ୍ଧି ପାଇପାରେ । ଅନ୍ୟ ପକ୍ଷରେ ଏମ.ଡି.ଆର. ଦେୟକୁ ଏଡ଼ାଇବା ପାଇଁ କିଛି ବ୍ୟବସାୟୀ 'ପି୨ଏମ' କାରବାର ନ କରି ବ୍ୟକ୍ତିଗତ ଖାତାରେ ଜମା କରିବାକୁ ଗ୍ରାହକଙ୍କୁ ପ୍ରବର୍ତ୍ତାଇପାରନ୍ତି । ଫଳରେ ଡିଜିଟାଲ କାରବାର ଯୋଗୁଁ ଆର୍ଥିକ କାରବାରରେ କ୍ରମଶଃ ଯେଉଁ ସ୍ୱଚ୍ଛତା ଫେରିଆସୁଥିଲା, ତାହା ପୁନଶ୍ଚ ଧୂମିଳ ହେବାର ସଂଶୟ ସୃଷ୍ଟି ହେବ । 'ୟୁପିଆଇ' କାରବାରରେ ପରୋକ୍ଷରେ ଲାଭବାନ ହେଉଥିବା ବ୍ୟାଙ୍କଗୁଡ଼ିକୁ ସହାୟତା ରାଶି ପ୍ରଦାନ କରା ନଯାଇ କେବଳ କ୍ଷତି ସହୁଥିବା ଆପ୍ ?ଗୁଡ଼ିକୁ ସହାୟତା ପ୍ରଦାନ କରାଗଲେ ହୁଏତ ସର୍ବାଧିକ ୨ ହଜାର କୋଟି ଟଙ୍କାର ବାର୍ଷିକ ବୋଝ ପଡ଼ିପାରେ । ତେଣୁ 'ୟୁପିଆଇ' କାରବାରକୁ ଏକ କଲ୍ୟାଣମୂଳକ କାର୍ଯ୍ୟ ମନେ କରି ସରକାର ବର୍ଷକୁ ମାତ୍ର ୨ ହଜାର କୋଟି ଟଙ୍କା ଅନୁଦାନର ପ୍ରାବଧାନ କଲେ ଏହା ଦେୟମୁକ୍ତ ଭାବେ ଚାଲିପାରିବ । ଇତିମଧ୍ୟରେ ଏମ.ଡି.ଆର. ଆଦାୟର ପ୍ରତିବାଦରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମ କୋର୍ଟ ଏହା ଟିକସ ନା ସେବା ପାଇଁ ଦେୟ ଏବଂ ଏହାର ଆଇନଗତ ସ୍ଥିତି ସମ୍ପର୍କରେ ଜାଣିବାକୁ ଚାହିଁ କେନ୍ଦ୍ର ସରକାର, ରିଜର୍ଭ ବ୍ୟାଙ୍କ ଓ 'ଏନପିସିଆଇ'କୁ ନୋଟିସ ଜାରି କରିଛନ୍ତି । ତେବେ ଦେଶକୁ ନଗଦ ଅର୍ଥନୀତିରୁ ଡିଜିଟାଲ ଅର୍ଥନୀତିରେ ପରିଣତ କରିବାକୁ ହେଲେ ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେଇ ୟୁପିଆଇ କାରବାରକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରିବାର ଆବଶ୍ୟକତା ରହିଛି ।

# ଗୁରୁ-ନିର୍ବାଚନ

ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର

ୟୁନେସ୍କୋ ଓ ଏଜୁକେସନ ଇ[ ରନେସନାଲ ଆନୁକୂଲ୍ୟରେ ୧୯୯୪ରୁ ପ୍ରତିବର୍ଷ ଅକ୍ଟୋବର ୫ରେ ବିଶ୍ୱ ସ୍ତରରେ ପାଳିତ ହେଉଛି ଅନ୍ତର୍ଜାତୀୟ ଶିକ୍ଷକ ଦିବସ । ଭବିଷ୍ୟତର ପିଢ଼ିକୁ ଗଢ଼ିବାରେ ଶିକ୍ଷକ ସମାଜର ଅବଦାନକୁ କେହି ଅସ୍ୱୀକାର କରିପାରିବେନାହିଁ । ତେଣୁ ଶିକ୍ଷକ ମାନଙ୍କ ସମ୍ମାନାର୍ଥେ ଶହେରୁ ଅଧିକ ଦେଶରେ ଏହି ଦିବସ ପାଳନ କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଏଜୁକେସନ ଇଂଟରନେସନାଲର ସଦସ୍ୟ ସଂସ୍ଥା ସଂଖ୍ୟା ୪୦୧ । ଶିକ୍ଷା ବ୍ୟବସ୍ଥାର ବିକାଶ ଲାଗି ଏହି ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଛନ୍ତି । ଶିକ୍ଷା ପରମ୍ପରାରେ ଅତିବ ଗୁରୁତ୍ୱପୂର୍ଣ୍ଣ ଭାବେ ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ୍ୟ ପ୍ରବୃତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍‌ଭାସିତ ହୁଏ ନାହିଁ । ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି - ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ୍ୟ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆମ୍ଭମାନଙ୍କର ସତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା ? ସେ ପ୍ରବୃତି ଅଭିଭୂତିର ଉର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା ? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା ? ଯିଏ ପ୍ରକତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତୀ ପ୍ରତ୍ୟେକ ଅବତାର ଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ । ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ୍ୟ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୁରାବସ୍ଥା ଆଉ କ'ଣ କିଛି ହୋଇପାରେ ? ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA , Pin :769003







# ହିଣ୍ଡାଲକୋ ହୀରାକୁଦକୁ କ୍ରମାଗତ ଦ୍ୱିତୀୟ ବର୍ଷ ଉଓଓ ଜାତୀୟ ପୁରସ୍କାର




ସମ୍ବଲପୁର,୧୦/୧୦(ନି/ପ୍ର): ସ୍ଥାୟୀ ଜଳ ପରିଚାଳନା କ୍ଷେତ୍ରରେ ଉତ୍କର୍ଷତା ପାଇଁ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ହୀରାକୁଦ ସ୍ମେଲ୍ଟର ଓ ପାୱାରକୁ ୨୦୨୬ ମସିହାର ଉଓଓ ଜାତୀୟ ଜଳ ପରିଚାଳନା ଉତ୍କର୍ଷ ପୁରସ୍କାର ମିଳିଛି। "Within the Fence" ବର୍ଗରେ ଏହି ସମ୍ମାନ ମିଳିଥିବା ବେଳେ ହୀରାକୁଦ ଟିମ୍ କ୍ରମାଗତ ଦ୍ୱିତୀୟ ବର୍ଷ ଏହି ଜାତୀୟ ସ୍ୱୀକୃତି ହାସଲ କରିଛି। ନୂଆଦିଲ୍ଲୀରେ ଅକ୍ଟୋବର ୬ ଓ ୭ ତାରିଖରେ ଉଓଓ-ଞକ୍ସଙ୍ଖରଭସ ଡବସ୍ପରକ୍ସ ଓଭସ୍ୱସ୍ପସସ୍ପଙ୍କସ୍ପର ପକ୍ଷରୁ ଆୟୋଜିତ ୧୨ତମ Water Innovation Summit ୨୦୨୬ ଅବସରରେ ପୁରସ୍କାର ପ୍ରଦାନ କରାଯାଇଥିଲା। ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ଜେନେରାଲ୍ ମ୍ୟାନେଜର ରାଜୀବ ରଞ୍ଜନ ସମ୍ମିଳନୀରେ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ। ସମାରୋହରେ ଉଓଓ ଡବସ୍ପରକ୍ସ ଘରଙ୍କସ୍ପକ୍ସବକ୍ଷସସ୍ପଛ ଔଙ୍କକ୍ସଛର ଅଧ୍ୟକ୍ଷ ତଥା ଭାରତ ସରକାରଙ୍କ ପୂର୍ବତନ ଜଳଶକ୍ତି ସଚିବ ୟୁ.ପି. ସିଂହଙ୍କ ସମେତ ଶିଳ୍ପ ଓ ଜଳ ପରିଚାଳନା କ୍ଷେତ୍ରର ବହୁ ବିଶେଷଜ୍ଞ ଉପସ୍ଥିତ ଥିଲେ। ଡିଜିଟାଲ୍ ଓ ସର୍କୁଲାର୍ ଜଳ ପରିଚାଳନାରେ ଗୁରୁତ୍ୱ ହିଣ୍ଡାଲକୋ ହୀରାକୁଦ ପାରମ୍ପରିକ ଜଳ ପରିଚାଳନା ବ୍ୟବସ୍ଥାକୁ ଡିଜିଟାଲ୍, ସ୍ଥାୟୀ ଓ ସର୍କୁଲାର୍ ପ୍ରଣାଳୀରେ ପରିଣତ କରିଛି। ଜଳ ଅଡିଟ୍, ଡିଜିଟାଲ୍ ୱାଟର ବାଲାନ୍ସିଂ, ବ୍ୟାପକ ମିଟରିଂ, ରିଅଲ୍-ଟାଇମ୍ ମନିଟରିଂ ଓ ବିଭାଗୀୟ ସମନ୍ୱୟ ଏହି ପରିବର୍ତ୍ତନର ମୁଖ୍ୟ ଅଂଶ। ଜଳ ପୁନରୁଦ୍ଧାର, ବର୍ଜ୍ୟଜଳ ବିଶୋଧନ ଓ ପୁନଃବ୍ୟବହାର ପାଇଁ Advanced Reverse Osmosis, Reject Recovery Systems, ଗଠଜ-based Treatment ଏବଂ Surface Runoff Treatment ଭଳି ପ୍ରଯୁକ୍ତି ଲାଗୁ କରାଯାଇଛି। ଏହା ସହିତ ଉକ୍ସବସଭବଶର ଝରଶକ୍ସରଶବ-ସ୍ପସକ୍ଟଭ ଓ ତରକ୍ସକ୍ଟ ଖସକ୍ତଙ୍କସୟ ଉସସ୍ମମଷବକ୍ସଶର (ତଖଉ) ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରାଯାଇଛି। ଫ୍ଲୋ-ମନିଟରିଂ ଓ ରିଅଲ୍-ଟାଇମ୍ ଡ୍ୟାଶବୋର୍ଡ ମାଧ୍ୟମରେ ଜଳ ବ୍ୟବହାର ଉପରେ ନିରନ୍ତର ନଜର ରଖାଯାଉଛି। ଏହା ଜଳ କ୍ଷୟ ଚିହ୍ନଟ, ପୁନରୁଦ୍ଧାର ଓ ପୁନଃବ୍ୟବହାରକୁ ଅଧିକ କାର୍ଯ୍ୟକ୍ଷମ କରିଛି। ଏହି ପଦକ୍ଷେପ ମଧୁର ଜଳ ଉପରେ ନିର୍ଭରଶୀଳତା କମାଇବା ସହ ଜଳର ପୁନଃଚକ୍ରଣ ଓ ତଖଉ ବ୍ୟବସ୍ଥାର ସ୍ଥିରତା ବଢ଼ାଇଛି। ହୀରାକୁଦ ଟିମ୍‌ର ସାମୂହିକ ପ୍ରୟାସକୁ ଏହି ପୁରସ୍କାର ସ୍ୱୀକୃତି ଦେଇଥିବା ବେଳେ ଜଳ-ସୁରକ୍ଷିତ ଓ ସମ୍ପଦ-ଦକ୍ଷ ଶିଳ୍ପ ପରିବେଶ ଗଠନ ପାଇଁ ହିଣ୍ଡାଲକୋର ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରିଛି ।

## ଶିଶୁ ମହୋତ୍ସବ ସୁରଭି ୨୦୨୬ ଅନୁଷ୍ଠିତ

ଜୟପୁର,୧୦/୧୦(ନି/ପ୍ର): ଜୟପୁର ସ୍ଥିତ ବାମୁଣୀପୁଟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗର ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ 'ସୁରଭି ୨୦୨୬' ଆଂଚଳିକ ସାଧନ ସଂଯୋଜକ ଶ୍ରୀ ରୁଦ୍ରପ୍ରସନ୍ନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅତି ଉତ୍ସାହ ଓ ଆନନ୍ଦର ସହିତ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ କଳ୍ପନା ସାହୁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଚନ୍ଦନ କୁମାର ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଭା ପ୍ରଧାନ, ଜୟପୁର ଶିକ୍ଷକ ସଙ୍ଘ ସଭାପତି ଶ୍ରୀ ଦେବୀପ୍ରସାଦ ଦାସ, ବାଲିଆ ପଂଚାୟତ ସରପଂଚ ଶ୍ରୀମତୀ ସରସ୍ୱତୀ ମାଝୀ ଓ ପଂଚାୟତ ସମିତି ସଭ୍ୟ ମକର ହରିଜନ ମଧ୍ୟ ଉପସ୍ଥିତ ଥିଲେ। ଗୋଷ୍ଠୀଶିକ୍ଷା ଅଧିକାରୀ କହିଥିଲେ ଯେ, ସୁରଭି ହେଉଛି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ଅନ୍ୱେଷଣ ପାଇଁ ଏକ ଉତ୍କୃଷ୍ଟ ମଂଚ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାହିତ୍ୟିକ, ଗାଣିତିକ, ସାଂସ୍କୃତିକ ଓ ସୃଜନଶୀଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ବର୍ଗରେ ଉତ୍ସାହର ସହ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। 'ସୁରଭି' କାର୍ଯ୍ୟକ୍ରମ ରାଜ୍ୟରେ କ୍ଲଷ୍ଟର, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଆୟୋଜିତ ହୋଇଥାଏ। ଏହା ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ, ଆତ୍ମବିଶ୍ୱାସ, ସୃଜନଶୀଳତା ଓ ସାମଗ୍ରିକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ। ଉଦ୍‌ଯାପନୀ ଉତ୍ସବରେ ବାମୁଣୀପୁଟ ସେକେଣ୍ଡରୀ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଆଶିଷ ସାର, ଜୟପୁର ଶିକ୍ଷକ ସଙ୍ଘର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଶ୍ରୀ କରୁଣାମୟ ପୃଷ୍ଟି ମଂଚ ପରିଚାଳନା କରିଥିଲେ। କ୍ଲଷ୍ଟରର ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ସମୂହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରିଥିଲେ। ଶେଷରେ କୁନ୍ତରଖାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଗୀତକୁମାରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱର୍ଗତ ରାମବିଳାସ ପାସୱାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା




ସମ୍ବଲପୁର,୧୦/୧୦(ନି/ପ୍ର): ସ୍ୱର୍ଗତ ରାମବିଳାସ ପାସୱାନଙ୍କ ସ୍ମୃତିରେ ଫାଶୀମାଲ ଗ୍ରାମପଚାଂୟତରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସମାଜରେ ନ୍ୟାୟ ଓ ସମତା ପ୍ରତିଷ୍ଠା ସହ ଦଳିତ ଓ ପଛୁଆ ବର୍ଗଙ୍କ ଅଧିକାର ପାଇଁ ସେ ସାରା ଜୀବନ ସଂଘର୍ଷ କରିଥିଲେ। ତାଙ୍କ ଆଦର୍ଶ, ତ୍ୟାଗ ଓ ସଂଘର୍ଷ ସମସ୍ତଙ୍କ ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା ଓ ସଭାରେ ରାଜ୍ୟ ଉପସଭାପତି ଶରତ ଚନ୍ଦ୍ର ରନବିଡା, ସମ୍ବଲପୁର ଜିଲ୍ଲା ଉପସଭାପତି ହରମୋହନ ପଟେଲ, ଜିଲ୍ଲା ସମ୍ପାଦକ ଶୁଗେନ୍ଦ୍ର ବାଘ, ଜିଲ୍ଲା ସଭାପତି ବିଦ୍ୟାଧର ଦଣ୍ଡପାଟ, ଫାଶୀମାଲ ଗ୍ରାମପଚାଂୟତ ସଭାପତି ରତ୍ନାକର ଦଣ୍ଡପାଟ, ସୁମନ୍ତ ବାଦୀ, ଡାକ୍ତର ପଶୁରା ମହାରାଜ, ସମ୍ମାନିତ ଅତିଥି ବିଷ୍ଣୁ ଚରଣ ଭୈଷା ଓ ଅତିଥି ଦେବେନ୍ଦ୍ର ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତେ ସ୍ୱର୍ଗତ ପାସୱାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଆଦର୍ଶ ଓ ସଂଘର୍ଷମୟ ଜୀବନକୁ ସ୍ମରଣ କରିଥିଲେ। ଶେଷରେ ଜିଲ୍ଲା ଉପସଭାପତି ହରମୋହନ ପଟେଲ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ରେଙ୍ଗାଲିରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ସମ୍ବଲପୁର,୧୦/୧୦(ନି/ପ୍ର): ବରିଷ୍ଠ ନାଗରିକ ପରିଷଦ, ରେଙ୍ଗାଲି ପକ୍ଷରୁ ବସ୍‌ଷ୍ଟାଣ୍ଡସ୍ଥିତ ପରିଷଦ କାର୍ଯ୍ୟାଳୟରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ପରିଷଦର ସଭାପତି ତଥା ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ପାଣିଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ବକ୍ତାମାନେ ତାଙ୍କର ସ୍ମୃତିଚାରଣ କରି ନିଃସ୍ୱାର୍ଥପର ଦେଶସେବା, ତ୍ୟାଗ ଓ ପରୋପକାର ସହ 'ସମାଜ' ଖବରକାଗଜର ପ୍ରତିଷ୍ଠା ପାଇଁ ସେ ଯୁଗେ ଯୁଗେ ଚିରସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ସଭାରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗରଡ଼ିଆ, କୋଷାଧ୍ୟକ୍ଷ ବିନୋଦ ବିହାରୀ ନନ୍ଦ, ଶଶୀ ଭୂଷଣ ସାହୁ, ସାଲେଗ୍ରାମ ସାହୁ, ସୀତାରାମ ସାହୁ, ସୁବାନ ଚାନ୍ଦ ସାହୁ, ଆଶାକର୍ମୀ ନନ୍ଦିନୀ ମହାପାତ୍ର, ସବିତା ସାହୁ ଓ ପ୍ରମିଳା ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସମ୍ପାଦକ ପୀତବାସ ତାଣ୍ଡକାର ଧନ୍ୟବାଦ ଅର୍ପଣ କରିଥିଲେ।

## ରାସନପୁର ପ୍ରାଥମିକ ବିଦ୍ୟାଳୟ ଛାତ ଉପରେ ଜରିପାଲ ପଢୁଛନ୍ତି ୩୬ ଛାତ୍ରଛାତ୍ରୀ

ସମ୍ବଲପୁର,୧୦/୧୦(ନି/ପ୍ର): ସମ୍ବଲପୁର ମହାନଗର ନିଗମର ୪୦ ନମ୍ବର ୱାର୍ଡ ଅନ୍ତର୍ଗତ ରାସନପୁର ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଶୋଚନୀୟ। ୧୭ ଜୁଲାଇ ୧୯୭୯ରେ ସ୍ଥାପିତ ଏହି ବିଦ୍ୟାଳୟ ଘରଟି ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ଛାତ ଉପରେ ଜରିପାଲ ଢାଙ୍କି ରଖାଯାଇଛି। ଏଠାରେ ପ୍ରଥମରୁ ପଚଂମ ଶ୍ରେଣୀ ପର୍ଯ୍ୟନ୍ତ ୩୬ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ସେମାନଙ୍କ ପାଠପଢ଼ା ପାଇଁ ମାତ୍ର ଦୁଇଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଛନ୍ତି। ବିଦ୍ୟାଳୟର ଏହି ଅବସ୍ଥାକୁ ନେଇ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଶିକ୍ଷାଦାନ ବ୍ୟବସ୍ଥା ପ୍ରତି ଚିନ୍ତା ପ୍ରକାଶ ପାଇଛି। ବିଦ୍ୟାଳୟ ଘରର ମରାମତି ଓ ଆବଶ୍ୟକ ସୁବିଧା ଯୋଗାଇଦେବାକୁ ଦାବି ହେଉଛି।




## ସମ୍ବଲପୁର ଜିଲ୍ଲାରେ ଯୋଶ୍ ଟିମର ଶୁଭାରମ୍ଭ

ସମ୍ବଲପୁର,୧୦/୧୦(ନି/ପ୍ର): ଟିବି ମୁକ୍ତ ଭାରତ ଅଭିଯାନକୁ ଆହୁରି ସୁଦୃଢ଼ ଓ ଗତିଶୀଳ କରିବା ଉଦ୍ଦେଶ୍ୟରେ ସମ୍ବଲପୁର ଜିଲ୍ଲାରେ ଯୋଶ୍ ଟିମର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସିଡିଏମ ଡା. ନୀଳମାଧବ ଶତପଥୀ, ଏଡିପିଏଚ୍‌ଓ ଡା. ଚୂଳବତୀ ସାହୁ,ଏଡିପିଏଚ୍‌ଓ (କୁଷ୍ଠ ) ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଏଡିପିଏଚ୍‌ଓ ଯକ୍ଷ୍ମା ଡା. ସଞ୍ଜୀବ କୁମାର ତିରିଆ, ଡିପିଏମ ମୃତ୍ୟୁଞ୍ଜୟ ମୁଣ୍ଡ, ଡିପିସି କଲ୍ୟାଣୀ ବାରିକ ଏବଂ ଏନସିସି ମେଜର ସୁଖଦେବ ସିଂହଙ୍କ ସମେତ ଯୋଶ୍ ଟିମ୍‌ର ସଦସ୍ୟ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଯକ୍ଷ୍ମା ବିଜେତା ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଯୋଶ୍ ଟିମର ମୁଖ୍ୟ ଲକ୍ଷ୍ୟ ହେଉଛି ଯୁବଶକ୍ତି ଓ ସମୁଦାୟର ସକ୍ରିୟ ସହଭାଗିତା ମାଧ୍ୟମରେ ଯକ୍ଷ୍ମା ସମ୍ପର୍କରେ ସଚେତନତା ବୃଦ୍ଧି କରିବା, ରୋଗ ଚିହ୍ନଟ ଓ ପ୍ରତିରୋଧମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଯକ୍ଷ୍ମା ମୁକ୍ତ ଭାରତ ଗଠନରେ ଜନସାଧାରଣଙ୍କୁ ସାମିଲ କରିବା । ପ୍ରତ୍ୟେକ ଯୋଶ୍ ଟିମରେ ୧୦ ଜଣ ସଦସ୍ୟ ରହିବେ, ଯେଉଁଥିରେ ୫ ଜଣ ମାଇଁ ଭାରତ ସ୍ୱେଚ୍ଛାସେବୀ ଏବଂ ୫ ଜଣ ଏନସିସି କ୍ୟାଡେଟସ୍ ରହିବେ। ପ୍ରତ୍ୟେକ ଟିମକୁ ଜଣେ ନିର୍ଦ୍ଧାରିତ ପ୍ରଥମ ଶ୍ରେଣୀ ନୋଡାଲ ଅଧିକାରୀ ନେତୃତ୍ୱ ପ୍ରଦାନ କରିବେ। ଏହି ଟିମ୍‌ଗୁଡ଼ିକ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନତା ସୃଷ୍ଟି, ସକ୍ରିୟ ଯକ୍ଷ୍ମା ରୋଗ ଚିହ୍ନଟ ଏବଂ ସମୁଦାୟ ସ୍ତରରେ ଯକ୍ଷ୍ମା ବିରୋଧୀ କାର୍ଯ୍ୟକଳାପକୁ ଆହୁରି ଗତିଶୀଳ କରିବେ। କାର୍ଯ୍ୟକ୍ରମରେ ଯକ୍ଷ୍ମା ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଯକ୍ଷ୍ମା ସହିତ ଲଢ଼ି ସୁସ୍ଥ ହୋଇଥିବା ଏହି ବିଜେତାମାନେ ନିଜ ଅନୁଭବ ମାଧ୍ୟମରେ ସମାଜକୁ ପ୍ରେରଣା ଦେବା ସହ ଟିବି ବିରୋଧୀ ଅଭିଯାନକୁ ଆହୁରି ଶକ୍ତିଶାଳୀ କରୁଛନ୍ତି। ଏହି ଅବସରରେ ସମସ୍ତେ ଏକ ସ୍ୱରରେ ସଙ୍କଳ୍ପ ନେଇଥିଲେ 'ଯୁବଶକ୍ତିର ଯୋଶ୍ ,ଯକ୍ଷ୍ମା ମୁକ୍ତ ଭାରତର ଆଶା' ।

# ସମ୍ବଲପୁର-ଜରପଡ଼ା ସେକ୍ସନ ନିରୀକ୍ଷଣ କଲେ ଡିଆରଏମ୍




ସମ୍ବଲପୁର,୧୦/୧୦(ନି/ପ୍ର):ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ସୁବାଷ ଚନ୍ଦ୍ର ଚୌଧୁରୀ ସମ୍ବଲପୁର-ଜରପଡ଼ା ସେକ୍ସନ ନିରୀକ୍ଷଣ କରିଥିଲେ। ନିରୀକ୍ଷଣ ସମୟରେ ସେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ ଓ ଏହା ସହ ଷ୍ଟେସନଗୁଡ଼ିକରେ ଯାତ୍ରୀ ସୁବିଧା, ସ୍ଥାୟୀ ସମ୍ପତ୍ତି, କାର୍ଯ୍ୟକ୍ଷମ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସୁବିଧାର ସ୍ଥିତି ଯାଚଂ କରିଥିଲେ। ରେଳ କର୍ମଚାରୀଙ୍କ ସହ ଆଲୋଚନା କରି ସେମାନଙ୍କ କାର୍ଯ୍ୟ ପରିସ୍ଥିତିର ସମୀକ୍ଷା ମଧ୍ୟ କରିଥିଲେ। କର୍ମଚାରୀମାନେ କର୍ତ୍ତବ୍ୟ ପାଳନ ସମୟରେ ଦକ୍ଷତା, ସୁରକ୍ଷା ଓ ଶୃଙ୍ଖଳା ବଜାୟ ରଖିବା ସହ ଯାତ୍ରୀ ସେବାର ଉଚ୍ଚ ମାନ ପ୍ରତି ଧ୍ୟାନ ଦେବାକୁ ଡିଆରଏମ୍ ପରାମର୍ଶ ଦେଇଥିଲେ। ସମସ୍ତ ଚାଲୁଥିବା ବିକାଶମୂଳକ ଓ ଭିତିଭୂମି କାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ସହ ଗୁଣବତ୍ତା ଓ ସୁରକ୍ଷା ମାନଦଣ୍ଡ ପାଳନ ନିଶ୍ଚିତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ଯାତ୍ରୀ-ଅନୁକୂଳ ରେଳ ସେବା ପ୍ରଦାନ ପାଇଁ ସମ୍ବଲପୁର ମଣ୍ଡଳର ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ।

## ନୂଆଁଖାଇ ଆତ୍ମୀୟତା, ପରମ୍ପରା ଓ ଏକତାର ପ୍ରତୀକ: ଧର୍ମେନ୍ଦ୍ର ପ୍ରଧାନ




ସମ୍ବଲପୁର,୧୦/୧୦(ନି/ପ୍ର): ନୂଆଁଖାଇ ଆତ୍ମୀୟତା, ପରମ୍ପରା ଓ ଏକତାର ପ୍ରତୀକ ବୋଲି କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଗୁରୁବାର କୁଚିଣ୍ଡାରେ ଆୟୋଜିତ 'ନୂଆଁଖାଇ ଭେଟଘାଟ-୨୦୨୬' ସମାରୋହରେ ଯୋଗଦେଇ ସେ ଏହା କହିଥିଲେ। କୁଚିଣ୍ଡା କଳା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଶ୍ରୀ ପ୍ରଧାନ ନୂଆଁଖାଇ ଭେଟଘାଟର ପବିତ୍ରତା, ଭାଇଚାରା ଓ ଆତ୍ମୀୟତାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କୁଚିଣ୍ଡାର ସାଂସ୍କୃତିକ ଐତିହ୍ୟକୁ ପ୍ରଶଂସା କରି ସେ କହିଥିଲେ, କୁଚିଣ୍ଡା ଓଡ଼ିଶାର ଏକ ପ୍ରମୁଖ ସାଂସ୍କୃତିକ କେନ୍ଦ୍ର। ୧୯୫୫ ମସିହାରେ ଗଠିତ କୁଚିଣ୍ଡା କଳା ପରିଷଦ ଦୀର୍ଘ ୭୦ ବର୍ଷ ଧରି ଅଚଂଳର କଳା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର କରିଆସୁଛି। ଏହା ସଂସ୍କୃତି ପ୍ରତି ଅଚଂଳବାସୀଙ୍କ ଗଭୀର ନିଷ୍ଠାର ପ୍ରମାଣ ବୋଲି ସେ କହିଥିଲେ। ସ୍ୱାଧୀନତା ଆନ୍ଦୋଳନ, ଓଡ଼ିଶା ଗଠନ ଓ ଓଡ଼ିଆ ଭାଷା ଆନ୍ଦୋଳନରେ ବାମଣ୍ଡା ରାଜା ସାର୍ ସୁଢ଼ଳ ଦେବ, ସ୍ୱଭାବକବି ଗଙ୍ଗାଧର ମେହେର ଓ ଚନ୍ଦ୍ରଶେଖର ବେହେରାଙ୍କ ଅବଦାନକୁ ସେ ସ୍ମରଣ କରିଥିଲେ। କୁଚିଣ୍ଡାର ନୂଆଁଖାଇ କାର୍ଯ୍ୟକ୍ରମ କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ଲୋକଙ୍କ ଆଗ୍ରହ ଓ ଅଭିବ୍ୟକ୍ତିର ପ୍ରମାଣ ବୋଲି ମଧ୍ୟ ସେ କହିଥିଲେ। କାର୍ଯ୍ୟକ୍ରମରେ କଳା ପରିଷଦର କର୍ମକର୍ତ୍ତା ଓ କୁଚିଣ୍ଡାବାସୀଙ୍କୁ ଧନ୍ୟବାଦ ଜଣାଇ ଶ୍ରୀ ପ୍ରଧାନ କହିଥିଲେ, ଆତ୍ମୀୟ ଭେଟଘାଟ ଓ ମନୋରଞ୍ଜନର ଏହି ପରମ୍ପରା ସମାଜରେ ଏକତାକୁ ଦୃଢ଼ କରିବ। ଏଥିରେ ଓଡ଼ିଶାର ଗ୍ରାମୀଣ ବିକାଶ, ପାନୀୟ ଜଳ ଓ ପଚାଂୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ବିଶିଷ୍ଟ ସାଂସ୍କୃତିକ ବ୍ୟକ୍ତିତ୍ୱ ପଦ୍ମଶ୍ରୀ ମିତ୍ରଭାନୁ ଗୌଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଲକାନଗିରିରେ ଜୋଶ୍ ଦଳର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

ମାଲକାନଗିରି,୧୦/୧୦(ନି/ପ୍ର): ଜିଲ୍ଲାରେ ଜନସ୍ୱାସ୍ଥ୍ୟ ସଚେତନତା ଓ ରୋଗ ନିରାକରଣକୁ ତ୍ୱରାନିତ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାସ୍ତରୀୟ ଜୋଶ୍ ଦଳର ଶୁଭାରମ୍ଭ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଜ ନିଜ ଅଂଚଳକୁ ଯକ୍ଷ୍ମା ମୁକ୍ତ କରିବାରେ ସଫଳତା ହାସଲ କରିଥିବା ସ୍ଥାନୀୟ ଜନପ୍ରତିନିଧିମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭାର ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ସିଡିଏମ ଓ ପିଏଚଓ ଡାକ୍ତର ମାନସ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଂଚରେ ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ମିନତୀ ମହାନ୍ତି, ଡିଏମଓ (ଏମଏସ) ତଥା ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ସୁରୁମା ବେହେରା, ଏଡିପିଏଚଓ (କୁଷ୍ଠ) ଡାକ୍ତର ଏନଟିସି ବେହେରା ଏବଂ ଏଡିପିଏଚଓ (ଭିବିଡି/ଟିବି) ଡାକ୍ତର ସୌଭାଗ୍ୟ ରଞ୍ଜନ ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ଅଭିଯାନର ଶୁଭାରମ୍ଭ ଅବସରରେ ସିଡିଏମ ଓ ପିଏଚଓ ଡାକ୍ତର ପଣ୍ଡା କହିଛନ୍ତି ଯେ ମାଲକାନଗିରି ଜିଲ୍ଲାରୁ ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ନିର୍ମୂଳ କରିବା ଆମର ମୂଳ ଲକ୍ଷ୍ୟ। ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ନବଗଠିତ ଜୋଶ୍ ଦଳ ତୃଣମୂଳ ସ୍ତରରେ ରୋଗୀ ଚିହ୍ନଟ, ପ୍ରାରମ୍ଭିକ ପରୀକ୍ଷା ଏବଂ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଥିସହ ପ୍ରମାଣପତ୍ର ହାସଲ କରିଥିବା ଜନପ୍ରତିନିଧିମାନଙ୍କ ନିଷ୍ଠା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟୀ ଉଦାହରଣ ବୋଲି ପ୍ରକାଶ କରିବା ସହ ସମସ୍ତଙ୍କ ମିଳିତ ସହଯୋଗରେ ହିଁ ଜିଲ୍ଲାକୁ ସମ୍ପୂର୍ଣ୍ଣ ଯକ୍ଷ୍ମା ମୁକ୍ତ କରାଯାଇପାରିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ମୁଖ୍ୟ ଆକର୍ଷଣ ଥିଲା ଯକ୍ଷ୍ମା ନିରାକରଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସ୍ଥାନୀୟ ନେତାମାନଙ୍କୁ ସିଡିଏମ ଓ ପିଏଚଓଙ୍କ ଦ୍ୱାରା ସମ୍ମାନଜନକ ଯକ୍ଷ୍ମା ମୁକ୍ତ ପଂଚାୟତ ପ୍ରମାଣପତ୍ରପ୍ରଦାନ। ଏହି ଅବସରରେ ପାଣ୍ଡ୍ରିପାଣିର ନାଏବ ସରପଂଚ ଖିଲ୍ଲାନା ଗୋଲୋରୀ, ପେଡ଼ାୱାଡାର ସରପଂଚ ବନିତା କୁରାମୀ ଏବଂ ମାଡ଼କାପଦରର ସରପଂଚ ଡମ୍ବରୁ ସିସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶୁଭାରମ୍ଭ ଉତ୍ସବ ଏବଂ ସମୀକ୍ଷା ବୈଠକରେ ଜିଲ୍ଲା ଓ ବ୍ଲକ ସ୍ତରର ଅନେକ ସ୍ୱାସ୍ଥ୍ୟକର୍ମୀ, ଯୋଜନା ପରିଚାଳନା କର୍ମଚାରୀ ଏବଂ ସ୍ଥାନୀୟ ପ୍ରଶାସନିକ କର୍ମକର୍ତ୍ତା ସକ୍ରିୟ ଭାବେ ଉପସ୍ଥିତ ଥିଲେ।

## ଫେରାର ଅଭିଯୁକ୍ତ ମହିଳା ଗିରଫ

ଗଞ୍ଜାମ,୧୦/୧୦(ନି/ପ୍ର): ସାତପଣ୍ଡିଆରେ ପୁରୁଣା ଶତ୍ରୁତାରୁ ଶିବ ନାୟକ, ପ୍ରକାଶ ନାୟକ ଓ ମା' ବସନ୍ତୀ ନାୟକ ମିଶି ନିବେଦିତା ନାୟକଙ୍କ ସ୍ୱାମୀଙ୍କୁ ଲୁହା ବୋଲାରେ ଆକ୍ରମଣକରି ମୁଣ୍ଡ-ପିଠିରେ ରକ୍ତାକ୍ତ ଆହତ କରିଥିଲେ। ସଦର ଥାନା କେସ ୫୭୩/୦୯.୦୯.୨୬ମାମଲା ରୁଜୁହୋଇଛି। ଦୁଇ ଅଭିଯୁକ୍ତ ୧୧.୦୯ରେ ଗିରଫ ହୋଇଥିଲେ। ଏବେ ଫେରାର ଥିବା ବସନ୍ତୀ ନାୟକ (୩୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ପୋଲିସ।




# ଭଗବାନ ଅଗ୍ରସେନଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ରାଉରକେଲାରେ ବିଶାଳ ଶୋଭାଯାତ୍ରା

## ଶୋଭାଯାତ୍ରାର ମହାରଥୀ ଖଲି ଆକର୍ଷଣର କେନ୍ଦ୍ରବିନ୍ଦୁ





ରାଉରକେଲା,୧୦/୧୦(ନି/ପ୍ର): ଭଗବାନ ଅଗ୍ରସେନଙ୍କ ୫୧୮୦ତମ ଜନ୍ମବାର୍ଷିକୀ ଅବସରରେ ରାଉରକେଲା ସହରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ବିଭିନ୍ନ ଦେବୀଦେବୀଙ୍କ ଚିତ୍ରଣ ସହିତ ମନମୁଗ୍ଧକର ଢ଼ାଟ୍ଟ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ମହାରାଜା ଅଗ୍ରସେନ ସେବା ସଂଘ, ରାଉରକେଲାର ତତ୍ତ୍ୱାବଧାନରେ ଆୟୋଜିତ, ୫୧୮୦ତମ ପ୍ରଭୁ ଅଗ୍ରସେନ ଜୟନ୍ତୀ ପାଳନ ୨୦୨୬ର ଅଂଶ ଭାବରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସପ୍ତମ ଦିନ, ଶନିବାର, ଏକ ବିଶାଳ ଶୋଭାଯାତ୍ରା ଅମର ଭବନରୁ ବାହାରି ଉଦିତନଗର ଦେଇ ମୁଖ୍ୟ ରାସ୍ତାର ଅଗ୍ରସେନ ଭବନରେ ପହଚିଂଥିଲା। ଏହି ଅବସରରେ, ପ୍ରଭୁ ଅଗ୍ରସେନଙ୍କ ରଥକୁ ଅମର ଭବନ ସମ୍ମୁଖରେ ଫୁଲରେ ସଜାଯାଇଥିଲା, ଯେଉଁଠାରେ ତାଙ୍କୁ ପୂଜା କରାଯାଇଥିଲା। ଏହି ଅବସରରେ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଅତିଥି ଭାବରେ ବିଧିବଦ୍ଧ ପୂଜାର୍ଚ୍ଚନା କରିଥିଲେ ଏବଂ ଅଗ୍ରସେନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।ଏହି ଅବସରରେ, ମହାରାଜା ଅଗ୍ରସେନ ସେବା ସଂଘର ସଭାପତି ପୂର୍ଣ୍ଣମଲ ଅଗ୍ରୱାଲ, ଅଗ୍ରସେନ ଜୟନ୍ତୀ ପାଳନ ସଂଯୋଜକ ଅଶୋକ ଅଗ୍ରୱାଲ, (ବରସୁଆ) ରାଜସ୍ଥାନ ପରିଷଦର ସଭାପତି ଜଗଦୀଶ ହରିତ, ହରିୟାଣା ନାଗରିକ ସଂଖ୍ୟା ସଭାପତି ସଞ୍ଜୟ ଅଗ୍ରୱାଲ, ଆଡଭୋକେଟ୍, ସମେତ ତିନି ସଂଗଠନର ଅଧିକାରୀ ଏବଂ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରାରେ ବିଭିନ୍ନ ଦେବଦେବୀଙ୍କ ଆକର୍ଷଣୀୟ ଢାଟ୍ଟ, ଡ୍ରମ୍ ଏବଂ ବାଦ୍ୟଯନ୍ତ୍ର ସହିତ ସାମିଲ ଥିଲା। ମୁଖ୍ୟ ଆକର୍ଷଣ ଥିଲେ ଦି ଗ୍ରେଟ୍ ଖଲି, ଯାହାକୁ ଦେଖିବା ପାଇଁ ରାସ୍ତାରେ ଏକ ବିରାଟ ଭିଡ଼ ଜମା ହୋଇଥିଲା। ଲୋକମାନେ ତାଙ୍କ ଏକ ଝଲକ ଦେଖିବାକୁ ଏବଂ ତାଙ୍କ ସହିତ ଫଟୋ ଉଠାଇବାକୁ ଆଗ୍ରହୀ ଥିଲେ। ଏଥିପାଇଁ ଲୋକଙ୍କ ମଧ୍ୟରେ ବହୁତ ଉତ୍ସାହ ଦେଖିବାକୁ ମିଳିଥିଲା, ଯେଉଁଥିରେ ଆଗ୍ରା ସମ୍ପ୍ରଦାୟର ବହୁ ସଂଖ୍ୟାରେ ପୁରୁଷ, ମହିଳା ଏବଂ ଯୁବକମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ, ସାମାଜିକ କର୍ମୀ ସମେତ ବିଭିନ୍ନ ସାମାଜିକ ସଂଗଠନ ଦ୍ୱାରା ରାସ୍ତାରେ ସରବେତ, ଖାଦ୍ୟ ଏବଂ ଫଳ ବଂଟନ କରାଯାଇଥିଲା। ଏହି ବିଶାଳ ଶୋଭାଯାତ୍ରାରେ ମହାରାଜା ଆଗ୍ରସେନ୍ ସେବା ସଂଗଠନର ଉପରାଷ୍ଟ୍ରପତି ପୁରାଣମାଲ ଅଗ୍ରୱାଲ, ଋଷି ଆର୍ଯ୍ୟ, ସଚିବ ଶିଲେନ୍ଦ୍ର ମାରୋଥିଆ, ଯୁଗ୍ମ ସଚିବ ଦେବେନ୍ଦ୍ର ଗୁପ୍ତା, ଯୁଗ୍ମ ସଚିବ ତଥା ସଂଯୋଜକ ବାବୁ ଗୋୟଲ, ପୂର୍ବତନ ରାଷ୍ଟ୍ରପତି ବ୍ରଜମୋହନ ଅଗ୍ରୱାଲ, ହରିମ ବନସୁପଲ, ଓମପ୍ରକାଶ, ଅଶୋକ ଅଗ୍ରୱାଲ, ରୋମକୋ, ରମେଶ ବାରସୁଆ, କେଦାର କେଡିଆ, ସୀତାରାମ ବରେଲିଆ, ଗଣେଶ ଅଗ୍ରୱାଲ, ପ୍ରବୀଣ ଗର୍ଗ, ସାଟୋଂଶ ପାରିକ, ସାଟୋଂଶ ଅଗ୍ରୱାଲ, ଜୁଗାଲ ମାରୋଥିଆ, ମନୀଷ ଟୋଡି, ବିନୋଦ ନରେଡି, ନଟୱର ବାଗଡିଆ, ନରେଶ ଅଗ୍ରୱାଲ, ଗଣେଶ ଅଗ୍ରୱାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଶାରଦୀୟ ନବରାତ୍ରି ପୂଜା ଯୋଗୁଁ ପୂଜା ସାମଗ୍ରୀ ଦୋକାନଗୁଡ଼ିକରେ ଭିଡ



ରାଉରକେଲା,୧୦/୧୦(ନି/ପ୍ର): ରାତି ପାହିଲେ ଶାରଦୀୟ ନବରାତ୍ରି ପୂଜା ଆରମ୍ଭ। ଶାରଦୀୟ ନବରାତ୍ରି ପୂଜା ଆରମ୍ଭ ପାଇଁ ପୂଜା ସାମଗ୍ରୀ ଦୋକାନରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ରବିବାର ଶୁକ୍ଳ ପ୍ରତିପଦାରେ କଳସ ସ୍ଥାପନ ସହିତ ନବରାତ୍ରି ପୂଜା ଆରମ୍ଭ ହେବ। ଏହି ୯ ଦିନିଆ ନବରାତ୍ରି ପୂଜା ପାଇଁ ସହରର ସମସ୍ତ ଦେବୀ ମନ୍ଦିରରେ ଯୁଦ୍ଧକାଳୀନ ସ୍ତରରେ ପ୍ରସ୍ତୁତି ଚାଲିଛି। ସେହିପରି ରାଉରକେଲା ସହରର ହନୁମାନ ଭାଟିକା ପରିସର ସ୍ଥିତ ଦୁର୍ଗା ମନ୍ଦିର, ପାନପୋଷ ଗାନ୍ଧୀ ଛକ ନିକଟସ୍ଥ କାଳୀ ମନ୍ଦିର, ପାନପୋଷ ରୋଡ ତାରିଣୀ ମନ୍ଦିର, ଉଦିତନଗର ସ୍ଥିତ ସିଂହାସନୀ ମନ୍ଦିର, ପଟଂଦେବ କଲଚରାଲ୍ ଟ୍ରଷ୍ଟ ଜଗନ୍ନାଥ ମନ୍ଦିର ପରିସରରେ ଅବସ୍ଥିତ ମାତା ମନ୍ଦିର, ରାଉରକେଲା ରେଳଷ୍ଟେସନ ନିକଟରେ ଅବସ୍ଥିତ ସଙ୍କଟ ମୋଚନ ମନ୍ଦିର ପରିସରରେ ଦୁର୍ଗା ମନ୍ଦିର, ସେକ୍ଟର-୩ ଅହିରାବନ୍ଧ ସ୍ଥିତ ମାତା ମନ୍ଦିର, ରାଉରକେଲା ଇସ୍ପାତ ସହରାଂଚଳରେ ଥିବା ବିଭିନ୍ନ ଦେବୀ ମନ୍ଦିର ସମେତ ନବରାତ୍ରି ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଆଜି ରାଉରକେଲା ସହରର ଡେଲି ମାର୍କେଟ, ଗ୍ରାଫିକ୍ ମାର୍କେଟ, ପାନପୋଷ ମାର୍କେଟ, ଫର୍ଟିଲାଇଜର ଟାଉନସିପ୍, ଇସ୍ପାତ ମାର୍କେଟ, ଆମ୍ବବାଗାନ ମାର୍କେଟ, ସେକ୍ଟର-୧୬ ମାର୍କେଟ, ବାସନ୍ତୀ କଲୋନୀ ମାର୍କେଟ ଏବଂ ଅନ୍ୟାନ୍ୟ ବଜାରରେ ଥିବା ପୂଜା ସାମଗ୍ରୀ ଦୋକାନୀମାନଙ୍କରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି।

# ଘରୋଇ ବସ୍ ଓଲଟିଲା , ୨୫ରୁ ଅଧିକ ଯାତ୍ରୀ ଆହତ

## ଗୁରୁଣ୍ଡିଆର ମଧୁପୁର ନିକଟରେ ଦୁର୍ଘଟଣା ଗୁରୁତର ଯାତ୍ରୀଙ୍କୁ ରାଉରକେଲା ସ୍ଥାନାନ୍ତରିତ



ରାଉରକେଲା,୧୦/୧୦(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ପୋଲିସ ସୀମା ଅନ୍ତର୍ଗତ ମଧୁପୁର ନିକଟରେ ଏକ ଘରୋଇ ବସ୍ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିବାରୁ ୨୫ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଏହା ଦୁର୍ଘଟଣା ସ୍ଥଳରେ ଆତଙ୍କ ସୃଷ୍ଟି କରିଥିଲା। ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଗୁରୁଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତମାନଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସ୍ଥାନାନ୍ତରିତ କରାଯାଉଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଘରୋଇ ବସଟି ଝାରସୁଗୁଡାରୁ ବଣାଇଁ ଯାଉଥିବା ବେଳେ ଏଥିରେ ୪୦ରୁ ଅଧିକ ଯାତ୍ରୀ ଥିଲେ। କିନ୍ତୁ, ଗୁରୁଣ୍ଡିଆ ଥାନା ଅଚଂଳର ମଧୁପୁର ନିକଟରେ ବସଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଅନେକ ଯାତ୍ରୀ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା ବୋଲି ଜଣାପଡ଼ିଛି। ଦୁର୍ଘଟଣାର ସୂଚନା ମିଳିବା ପରେ ଅଗ୍ନିଶମ ସେବା କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଚିଂ ଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ, ବସ୍ ଭିତରେ ଫସି ରହିଥିବା ଯାତ୍ରୀ ଏବଂ ଆହତମାନଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ଉପଲବ୍ଧ ଯାନରେ ଡାକ୍ତରଖାନାକୁ ପଠାଯାଇଥିଲା। ଦୁର୍ଘଟଣା ପରେ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା। ବସ୍ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେବାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ଦୁର୍ଘଟଣାର କାରଣ ନିର୍ଣ୍ଣୟ କରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଆହତ ଯାତ୍ରୀଙ୍କ ସଂଖ୍ୟା ଏବଂ ଘଟଣାର ଅନ୍ୟାନ୍ୟ ଦିଗ ସମ୍ପର୍କରେ ଅଧିକ ବିବରଣୀକୁ ଅପେକ୍ଷା କରାଯାଇଛି।

# ବାଇକ୍ ଦୁର୍ଘଟଣାରେ କଲେଜ ଛାତ୍ର ମୃତ, ୨ ଆହତ




ସୁନ୍ଦରଗଡ଼,୧୦/୧୦(ନି/ପ୍ର): (ଶୁକ୍ରବାର) ସନ୍ଧ୍ୟା ସାଢ଼େ ୬ଟାରେ ସଦରଥାନା ସମ୍ମୁଖରେ ବାଇକ୍ ଦୁର୍ଘଟଣାରେ ଜଣେ କଲେଜ ଛାତ୍ରଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଏହାସହ ସେହି ମୋଟରସାଇକଲରେ ବସିଥିବା ଅନ୍ୟ ଦୁଇଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ମୃତକ ଛାତ୍ର ଜଣକ ସବଡେଗା ଯୁକ୍ତ ଦୁଇ କଲେଜରେ ପଢୁଥିବା ଧନିଆପୁଞ୍ଜି ଗାଁର ଅନିଲ ବରିହା (୧୭)। ଆହତ ଛାତ୍ରମାନେ ହେଲେ ମହୁଲପାଲି କଲେଜରେ ପଢୁଥିବା କିଞ୍ଜିରକେଲା ଥାନା ଧମକପୁର ଗାଁର ପ୍ରକାଶ ବେକ୍ ଓ ସଦରଥାନା କୋପସିଂହା ଗାଁର ବିଶାଳ ନାଏକ। ସୂଚନାନୁସାରେ, ୩ ଛାତ୍ର ଏକ ବାଇକ୍‌ରେ ତୁରୁଙ୍ଗାଗଡ଼ ଡ୍ୟାମ ବୁଲିବାକୁ ଯାଇ ସନ୍ଧ୍ୟାରେ ଫେରୁଥିଲେ।ସାମାନ୍ୟ ଅନ୍ଧାରରେ ସଦରଥାନା ସମ୍ମୁଖରେ ଥିବା ହମ୍ପସକୁ ଦେଖି ପାରି ନଥିଲେ। ମୋଟରସାଇକଲକୁ ହଠାତ୍ ଅଟକାଇନପାରି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ବାଇକ୍ ଚଳାଉଥିବା ଅନିଲଙ୍କ ସେଠାରେ ମୃତ୍ୟୁ ହୋଇଗଲା। ସୂଚନା ପାଇ ପୁଲିସ ପହଚିଂ ସମସ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଅନିଲଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସଦରଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

# ମା ଇନ୍ଦିରା ମହିଳା ସମିତି ଆନୁକୁଲ୍ୟରେ ନୂଆଖାଇ ଭେଟଘାଟ୍




ରାଉରକେଲା,୧୦/୧୦(ନି/ପ୍ର): ଶୁକ୍ରବାର ସନ୍ଧ୍ୟାରେ ମା ଇନ୍ଦିରା ମହିଳା ସମିତିର ରାଉରକେଲା ସିଭିଲ୍ ଟାଉନସିପ୍ ସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟ ଈ୪/୧୩ରେ 'ନୂଆଖାଇ ଭେଟଘାଟ' ନୃତ୍ୟ ଗୀତ ସହିତ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ମା ସମଲେଶ୍ୱରୀ ନିକଟରେ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା। ନୂଆଖାଇ ଭେଟଘାଟରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ ସ୍ମୃତି ଜେନା, ସପ୍ତମ ପାତ୍ର, ଲିପସା, ଖୁସି ପ୍ରମୁଖ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଶ୍ରୀକାନ୍ତ ଚୌଧୁରୀଙ୍କ ଦ୍ୱାରା ସଂଗୀତର ଆୟୋଜନ କରାଯାଇଥିଲା। ଏଥିରେ ସଂଗୀତ ପରିବେଷଣ କରିଥିଲେ ନନ୍ଦନ, ଡିମ୍ପଲ, ସସ୍ମିତା, ଶ୍ରୀକାନ୍ତ, ରାଜ ମିଶ୍ର। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତି ସୁରକ୍ଷା କମିଟିର ସଭାପତି ବୀରେନ ସେନାପତି ଯୋଗଦେଇଥିଲା ବେଳେ ସମାଜସେବୀ ସୁରେଶ ଶର୍ମା, ଛବି ମହାନ୍ତି, ଶୈଳେନ୍ଦ୍ର ମହାନ୍ତି, ପୂଜା କମିଟିର ସଭାପତି ବନବିହାରୀ ରଣା, ପ୍ଲାବନୀ ପ୍ରଧାନ, ସସ୍ମିତା ମୁଖାର୍ଜୀ, ନନ୍ଦନ ମୁଖାର୍ଜୀ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପଶ୍ଚିମ ଓଡିଶାର ନୃତ୍ୟ ଗୀତ କାର୍ଯ୍ୟକ୍ରମ ସହିତ ଅତିଥିମାନଙ୍କୁ ପଶ୍ଚିମ ଓଡ଼ିଶାର ଖାଦ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। ମା ଇନ୍ଦିରା ମହିଳା ସମିତିର ସଭାପତି ପୁଷ୍ପା ଲେଙ୍କା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଭଲପାଇବାର ନିଦର୍ଶନକୁ ଆଖିରେ ରଖି ପରସ୍ପର ପ୍ରତି ଭଲପାଇବାର ଆଦାନ ପ୍ରଦାନ ଏବଂ ପଶ୍ଚିମ ଓଡିଶାର ପରମ୍ପରାକୁ ବଜାୟ ରଖିବା ସମିତିର ଉଦ୍ଦେଶ୍ୟ।

# ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ଆରମ୍ଭ

ସୁନ୍ଦରଗଡ଼,୧୦/୧୦(ନି/ପ୍ର): ବାଦ୍ ପଡ଼ିଥିବା ଭୋଟର ତଥା ନୂତନ କରି ଭୋଟର ହୋଇଥିବା ବା ଯୁବ ଭୋଟର ମାନଙ୍କ ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ। ଏହି ସ୍ୱତନ୍ତ୍ର ଅଭିଯାନର ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାରେ ନାମ ନଥିବା କିମ୍ବା ନାମ କଟିଯାଇଥିବା କୌଣସି ବି ବ୍ୟକ୍ତି ଯେକୌଣସି ସମୟରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଏହି ଅବସରରେ ଆଜି ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂରଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜୟ ନାରାୟଣ ତ୍ରିପାଠୀ, ପର୍ଶୁରାମ ସରାଫ,ଅଜିତ୍ ପ୍ରସାଦ,ଭେଷଜ ରଥ, ରାଜେନ୍ଦ୍ର ପଟେଲ, ରାଧା ନମନ ପଟେଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସ୍ୱତନ୍ତ୍ର ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହିପରି ଭୋଟରମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଭୋଟର ତାଲିକା ରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା। ଏହି ପରିପ୍ରେକ୍ଷୀରେ ବି ଏଲ ଓ ମାନେ ୩୧ ଅକ୍ଟୋବର ସୁଦ୍ଧା ଏସ ଆଇ ଆର୍ ପ୍ରକ୍ରିୟା ସମୟରେ କଟିଯାଇଥିବା ସମସ୍ତ ଭୋଟରଙ୍କ ନାମ ପୁନଃ ଯାଂଚ କରିବେ ଏବଂ ବାଦ୍ ପଡ଼ିଥିବା ଭୋଟର ତଥା ନୂତନ ଭୋଟର ମାନଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବେ। ସେହିଭଳି ନେଭେମ୍ବର ୨ ତାରିଖ ଦିନ ବି ଏଲ ଓ ମାନେ ଏହି ତାଲିକାକୁ ବୁଥ ସ୍ତରୀୟ ଏଜେଂଟଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ସେୟାର କରିବେ। ସେହିଭଳି ନଭେମ୍ବର ୪ ତାରିଖ ଦିନ ବି ଏଲ ଓ ମାନେ ଯାଂଚ ଶେଷ ହୋଇଥିବା ନିଶ୍ଚିତ କରିକମ୍ପ୍ଲାଏନ୍ସ ରିପୋର୍ଟ ଦାଖଲ କରିବେ ଏବଂ ଫର୍ମ-୬ ମାଧ୍ୟମରେ ପୁନଃ ଯୋଡ଼ାଯାଇଥିବା ଭୋଟରଙ୍କ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଟ୍ଟନାୟକ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ଏହି ସ୍ୱତନ୍ତ୍ର ଅଭିଯାନରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ଏବଂ ବାଦ୍ ପଡ଼ିଥିବା ଭୋଟର ମାନଙ୍କ ତାଲିକାରେ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳିତ

ଜୟପୁର,୧୦/୧୦(ନି/ପ୍ର): ଓଡ଼ିଶାର ଅମର ସନ୍ତାନ, ମହାନ ଜନନାୟକ ତଥା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ଆଜି କୋରାପୁଟ ଜିଲ୍ଲାରେ ବେଶ୍ ଉତ୍ସାହ ଓ ଭକ୍ତିପୂତ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ କୋରାପୁଟ ସ୍ଥିତ ଗୋପବନ୍ଧୁ ପାର୍କ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଅତିଥିମାନେ ଯୋଗଦେଇ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହ ତାଙ୍କର ଅମର ସ୍ମୃତିଚାରଣ କରିଥିଲେ।କାର୍ଯ୍ୟକ୍ରମରେ ଯୋଗଦେଇ କୋରାପୁଟ ବିଧାୟକ ରଘୁରାମ ମାଛ ଗୋପବନ୍ଧୁଙ୍କ ଆଦର୍ଶକୁ ମନେ ପକାଇ କହିଥିଲେ, 'ଗୋପବନ୍ଧୁ କେବଳ ଏକ ବ୍ୟକ୍ତି ନୁହଁନ୍ତି, ସେ ଥିଲେ ଏକ ଯୁଗ, ଏକ ଚିନ୍ତାଧାରା ଏବଂ ଓଡ଼ିଶାର ପ୍ରାଣସ୍ପନ୍ଦନ। ତ୍ୟାଗ, ସେବା ଓ ମାନବିକତାର ଯେଉଁ ବାର୍ତ୍ତା ସେ ଦେଇଯାଇଛନ୍ତି, ତାହା ଆଜିର ସମାଜ ପାଇଁ ଅଧିକ ପ୍ରାସଙ୍ଗିକ ଏବଂ ଆମ ସମସ୍ତଙ୍କ ପାଇଁ ଏହା ଅନୁସରଣୀୟ।'ଏହି ସ୍ମୃତିଚାରଣ ସଭା ଏବଂ ମାଲ୍ୟାର୍ପଣ ଉତ୍ସବରେ କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ୍, ଜୟପୁର ଉପଜିଲ୍ଲାପାଳ ଶୁଭ୍ରା ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ ପ୍ରମୁଖ ଉପସ୍ଥିତ ରହି ଉତ୍କଳମଣିଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହାସହ ସ୍ମୃତି କମିଟିର ସମସ୍ତ ସଭ୍ୟମାନେ ମଧ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ। ଏଥିସହ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିବୃନ୍ଦ ମଧ୍ୟ ଉପସ୍ଥିତ ରହି ଏହି ସ୍ମରଣୀୟ ଦିବସକୁ କଭର୍ କରିଥିଲେ।ଏହି କାର୍ଯ୍ୟକ୍ରମକୁ ସଫଳ ଓ ସୁରୁଖୁରୁରେ ସମ୍ପାଦନ କରିବାରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଥିଲେ। ଏଥିରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟର ଷ୍ଟୋର୍ କିପର୍ ସନ୍ତୋଷ ସେଠୀ ଏବଂ ପ୍ରୋଜେକ୍ଟନିଷ୍ଟ ଅଲିଭା କୁମାର ବେହେରା ପ୍ରମୁଖ ସକ୍ରିୟ ଭାବେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଜୟପୁର ପୂଜ୍ୟପୂଜା ସଂସଦ, ଜୟପୁର ତରଫରୁ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ୧୫୦ତମ ଜୟନ୍ତୀ ସ୍ଥାନୀୟ ଗୋପବନ୍ଧୁ ନଗରସ୍ଥିତ ମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। ସଂସଦର ଉପସଭାପତି ତପନ କିରଣ ତ୍ରିପାଠୀ, ସଂପାଦକ ବୈରାଗୀ ଚରଣ ସାହୁ, ଉପଦେଷ୍ଟା ପ୍ରମୋଦ କୁମାର ରାଉଳ ପ୍ରମୁଖ ଯୋଗ ଦେଇ ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନୀ ବିଷୟରେ ଆଲୋଚନା କରିଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର କ୍ୟାପ୍ଟିଭ୍ ପାୱାର ପ୍ଲାଂଟ-୧ର କର୍ମଚାରୀ ସକ୍ରିୟ ସୁରକ୍ଷା ଅବଦାନ ପାଇଁ ସମ୍ବର୍ଦ୍ଧିତ




ରାଉରକେଲା,୧୦/୧୦(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା ର କ୍ୟାପ୍ଟିଭ୍ ପାୱାର ପ୍ଲାଂଟ-୧ (ସି.ପି.ପି-୧) ର କର୍ମଚାରୀମାନଙ୍କୁ ସମ୍ଭାବ୍ୟ ସୁରକ୍ଷା ବିପଦଗୁଡ଼ିକୁ ଚିହ୍ନଟ ଏବଂ ରିପୋର୍ଟ କରିବାରେ ସେମାନଙ୍କର ସକ୍ରିୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସୁରକ୍ଷା ପଦ୍ଧତିକୁ ସୁଦୃଢ଼ କରିବା, କର୍ମଚାରୀଙ୍କ ଭାଗିଦାରୀ ବୃଦ୍ଧି କରିବା ଏବଂ କାର୍ଯ୍ୟସ୍ଥଳରେ ଏକ ମଜବୁତ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇ ମୁଖ୍ୟ ମହାପ୍ରବନ୍ଧକ (ସି.ପି.ପି-୧) ଙ୍କ କାର୍ଯ୍ୟାଳୟରେ ଏକ ବ୍ୟାପକ ସୁରକ୍ଷା ଆଲୋଚନା ଅନୁଷ୍ଠିତ ହୋଇଥିଲା। ଶ୍ରୀ ବି.ଏସ. କାର୍ଥା, ମୁଖ୍ୟ ମହାପ୍ରବନ୍ଧକ (ସି.ପି.ପି -୧ ଏବଂ ପି.ଡି) ଏବଂ ଶ୍ରୀ ହୀରାଲାଲ ମହାପାତ୍ର, ମୁଖ୍ୟ ମହାପ୍ରବନ୍ଧକ (ସୁରକ୍ଷା ଏବଂ ଅଗ୍ନିଶମ ସେବା) ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଅଂଶସ୍ୱରୂପ, ସେପ୍ଟେମ୍ବର ୨୦୨୬ ମାସରେ ସର୍ବାଧିକ ନିଅର୍ ମିସ୍ ଘଟଣା ପଞ୍ଜୀକୃତ କରିଥିବା ସି.ପି.ପି -୧ ର ୫ ଜଣ କର୍ମଚାରୀଙ୍କୁ ସମ୍ଭାବ୍ୟ ବିପଦଗୁଡ଼ିକୁ ଚିହ୍ନଟ ଓ ରିପୋର୍ଟ କରିବାରେ ସେମାନଙ୍କର ସକ୍ରିୟ ଭୂମିକା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମାସ ମଧ୍ୟରେ ସର୍ବାଧିକ ନିଅର୍ ମିସ୍ ମାମଲା ପଞ୍ଜୀକୃତ କରିଥିବାରୁ ସି.ପି.ପି -୧ କୁ ପ୍ରଶଂସା କରାଯାଇଥିଲା, ଯାହା ବୃଦ୍ଧିପ୍ରାପ୍ତ ସୁରକ୍ଷା ସଚେତନତା ଏବଂ ସକ୍ରିୟ କର୍ମଚାରୀ ଭାଗିଦାରୀକୁ ଦର୍ଶାଉଛି। ସମାବେଶକୁ ସମ୍ବୋଧିତ କରି ଶ୍ରୀ କାର୍ଥା କାର୍ଯ୍ୟସ୍ଥଳରେ ସୁରକ୍ଷା ସଂସ୍କୃତି ଯେପରି ଦୃଢ଼ ଭାବରେ ସାମିଲ ହୋଇପାରିବ, ତାହା ସୁନିଶ୍ଚିତ କରିବା ପାଇଁ ଅଧିକ ସାଇଟ୍ ପରିଦର୍ଶନ ଏବଂ କାର୍ଯ୍ୟସ୍ଥଳରେ ସକ୍ରିୟ ଉପସ୍ଥିତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ମହାପାତ୍ର ସୁରକ୍ଷା ପଦ୍ଧତିକୁ ସୁଦୃଢ଼ କରିବାରେ ସି.ପି.ପି -୧ ଏବଂ ଏହାର ନେତୃତ୍ୱର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ସି.ପି.ପି -୧ ରେ ଅଧିକ ସୁରକ୍ଷା ସର୍କଲ୍ ଟିମ୍ ଗଠନ କରିବାକୁ ଉତ୍ସାହିତ କରିଥିଲେ ଏବଂ ଅକ୍ଟୋବର ମାସରେ ଏହିପରି ଚାରୋଟି ଟିମ୍ ଗଠନକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ସମୟରେ, ଶ୍ରୀ ଜୟବୀର ସିଂ, ମହାପ୍ରବନ୍ଧକ (ସି.ପି.ପି -୧) ତଥା ସଦସ୍ୟ, ବି.ଆଇ ସବ୍-କମିଟି, ବାସ୍ତବବାଦୀ, ଅର୍ଥପୂର୍ଣ୍ଣ ଏବଂ ସାଇଟ୍-ଓରିଏଂଟେଡ୍ ହସ୍ତକ୍ଷେପର ଗୁରୁତ୍ୱ ଉପରେ ଏକ ବ୍ୟବହାରିକ ହସ୍ତକ୍ଷେପ ଉପରେ ଏକ ବିସ୍ତୃତ ଉପସ୍ଥାପନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀ ରଞ୍ଜିତ ରଞ୍ଜନ କୁମାର, ଉପମହାପ୍ରବନ୍ଧକ ଏବଂ ବିଭାଗୀୟ ସୁରକ୍ଷା ଅଧିକାରୀ (ସି.ପି.ପି - ୧) ସଂଯୋଜନା କରିଥିଲେ। ଶ୍ରୀ ରୋହିତ କୁମାର ନାୟକ, ମ୍ୟାନେଜର (ସୁରକ୍ଷା ବିଭାଗ) ଧନ୍ୟବାଦ ଅର୍ପଣ କରିଥିଲେ।